ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 39 | 25 September - 01 October 2022 | Sambalpur | Page- 8 | Invitation Price Rs.10

## ବେଦାନ୍ତର ସଂପ୍ରସାରଣ ପ୍ରସଂଗ


# ଗ୍ରୀନ୍ ଟ୍ରିବ୍ୟୁନାଲରେ ରାୟ ସଂରକ୍ଷିତ

ଝାରସୁଗୁଡ଼ା : ବେଦାନ୍ତ ଆଲୁମିନିୟମର ବାର୍ଷିକ ଉତ୍ପାଦନ ୧୬ ଲକ୍ଷ ଟନରୁ ୧୮ ଲକ୍ଷ ଟନ୍‌କୁ ବୃଦ୍ଧି କରାଯିବାର ବିରୋଧ କରି ଶ୍ରୀ ସତ୍ୟନାରାୟଣ ରାଓ ଗ୍ରୀନ୍ ଟ୍ରିବ୍ୟୁନାଲରେ କରିଥିବାର ଆବେଦନର ଶୁଣାଣି ଶେଷ ହୋଇଛି । ତେବେ ଟ୍ରିବ୍ୟୁନାଲ ଏହାର ରାୟ ସଂରକ୍ଷିତ ରଖିଥିବା ଜଣାପଡିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବେଦାନ୍ତ କମ୍ପାନୀ ସମସ୍ତ ପ୍ରକାର ସରକାରୀ ଆଇନର ଖୋଲାଖୋଲି ଉଲ୍ଲଂଘନ କରି




ଜିଲ୍ଲାରେ ପରିବେଶକୁ ଦୂଷିତ କରୁଥିବାର ଅଭିଯୋଗ ହୋଇ ଆସୁଛି । ସେହିପରି କାରଖାନାରୁ ନିର୍ଗତ ପାଉଁଶ ଇତଃସ୍ତତଃ ବେଆଇନ ଭାବେ ପକାଇ ପ୍ରଦୂଷଣ ସୃଷ୍ଟି କରୁଛି । ଏହାଛଡ଼ା ବିଭିନ୍ନ ଆଳରେ ସରକାରୀ ରାଜସ୍ୱ ମଧ କମ୍ପାନୀ ପଇଠ କରୁ ନଥିବା ଅଭିଯୋଗ ହେଉଛି । ସେହିପରି କାରଖାନାରୁ ଉତ୍ପାଦନ ହେଉଥିବା ବିଦ୍ୟୁତ୍ ଶକ୍ତିରୁ ୬୦୦ ମେଗା ୱାଟ୍ ବିଦ୍ୟୁତ୍ ସରକାରଙ୍କୁ ଦେବା ପାଇଁ କମ୍ପାନୀ ଚୁକ୍ତିବଦ୍ଧ ହୋଇଥିଲେ ହେଁ ତା'ର ଖିଲାପ କରୁଥିବା ଶ୍ରୀ ସତ୍ୟନାରାୟଣ ରାଓ ଅଭିଯୋଗ କରିଛନ୍ତି ।

# ଭିସୁଟ୍ ପାଇଁ କୃତଜ୍ଞତା ଓ ଭିମ୍ସାର୍ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନାଗରିକଙ୍କ ଦାବି



ସମ୍ବଲପୁର : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାର ୨୦୦୦ କୋଟି ଟଙ୍କା ମଞ୍ଜୁରୀ କରିଥିବାରୁ ସମ୍ବଲପୁରର ବିଶିଷ୍ଟ ବ୍ୟକ୍ତିମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସାଙ୍ଗକୁ ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା ଓ ପଶ୍ଚିମ ଓଡ଼ିଶାର ପ୍ରାୟ ୨ କୋଟି ଲୋକ ନିର୍ଭର କରୁଥିବା ଭିମ୍ସାର୍‌କୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ଉନ୍ନତି ପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆବାହତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭିଏସଏସୟୁଟି ପାଇଁ ରାଜ୍ୟ ସରକାର କରିଥିବା ଘୋଷଣାକୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦିଆଯାଇଥିଲା । ୨୦୧୬ରେ ଇ- ଲର୍ଣ୍ଣ ସେଣ୍ଟରର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ଏହାର ଉନ୍ନତି ପାଇଁ ଘୋଷଣା କରିଥିଲେ । ଆଉ ବର୍ତ୍ତମାନ ଏହାକୁ ଜାତୀୟସ୍ତରୀୟ ଅନୁଷ୍ଠାନ ଭାବେ ପରିଣତ କରିବାକୁ ୨ ହଜାର କୋଟିର ପ୍ୟାକେଜ୍ ଘୋଷଣା କରିଥିବାରୁ ତାଙ୍କୁ କୃତଜ୍ଞତ ଜ୍ଞାପନ କରାଯାଇଥିଲା । ତେବେ, ଭିମସାରର ଉନ୍ନତି ପାଇଁ ବି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ମଧ୍ୟ ଅନୁମୋଦନ କରିବେ ବୋଲି ଆଶା କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଶଙ୍କର ପ୍ରସାଦ ପତି ଭିସୁଟ୍ ପାଇଁ ଘୋଷଣା ହୋଇଥିବା ଅନୁଦାନର ଉପଯୁକ୍ତ ଖର୍ଚ୍ଚ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ଭିମସାରର ବିକାଶ ନେଇ ନାଗରିକମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ । ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ମଧ୍ୟ ଭିମସାରର ବିକାଶ ଜରୁରୀ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା ଓ ଦୌରା ଜଜ୍ ଗୋପରଞ୍ଜନ ଦୁବେ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଡାକ୍ତର ରମାବଲ୍ଲଭ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର କାମଦେବ ସାହୁ, ଡକ୍ଟର ଶ୍ୟାମସୁନ୍ଦର ଧର ପ୍ରମୁଖ ମଧ୍ୟ ଭିସୁଟ ଅନୁଦାନ ପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇବା ସହ ଭିମସାରର ଉନ୍ନତି କଥା ଉଠାଇଥିଲେ । ଡାକ୍ତର ରମାବଲ୍ଲଭ ମିଶ୍ର ଭିମସାର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ ।

# 'ନୂଆଁଖାଇ ପରିବାର'ର ନୂଆଁଖାଇ ଭେଟ୍‌ଘାଟ୍‌ରେ ଦୁଲୁକିଲା ରବୀନ୍ଦ୍ର ମଣ୍ଡପ





ଭୁବନେଶ୍ୱର : ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ 'ନୂଆଁଖାଇ ପରିବାର' ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍' ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଓ କୃଷି ବିଭାଗର ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପଶ୍ଚିମ ଓଡ଼ିଶାର ମହାନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ 'ନୂଆଁଖାଇ ସମ୍ମାନ ୨୦୨୨'ରେ ସମ୍ମାନିତ କରିଥିଲେ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ଏକ ଅଡିଓ ଭିଜୁଏଲରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ କଳା, ସଂସ୍କୃତି, କ୍ରୀଡ଼ା, ସମାଜସେବା ଓ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁମତୀ ସା, ଫୁଟବଲ ଖେଳାଳୀ ପ୍ୟାରୀ ଖାଖା, ପ୍ରାଧାପିକା କୁନ୍ତିରାଣୀ ପ୍ରଧାନ, ଅଭିନେତ୍ରୀ ଅନିଷା ଶର୍ମା, ବେଟିଖାଇ ବରିହା, ଡାକ୍ତର ଶଙ୍କର ରାମଚନ୍ଦାନୀ, ରଜତ ପାଣିଗ୍ରାହୀ, ସଂଚାର ଗାୟକ ଅଲେଖ ସାହୁ, ସଙ୍ଗୀତଜ୍ଞ ରମେଶ ମହାନନ୍ଦ, ଅଭିଜିତ ମଜୁମଦାର, ଅଭିନେତା ମନୋଜ ମିଶ୍ର, କୁନା ତ୍ରିପାଠୀ, ଚିନ୍ମୟ ମିଶ୍ର ଓ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଟିଡିସିର ପୂର୍ବତନ ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ସିନେ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଅଜିତ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ପ୍ରେମାନିଧି ସେଠ୍, ଓଡ଼ିଶା ସଂଗୀତ ନାଟକ ଏକାଡେମିର ସଂପାଦକ ପ୍ରବୋଧ ରଥ ପ୍ରମୁଖଙ୍କ ସମେତ ପଶ୍ଚିମ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ଏଥିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।





# ସ୍ନିଗ୍ଧାଙ୍କୁ ମିସ୍ ଇଣ୍ଡିଆ ୱାର୍ଲ୍ଡ ଟାଇଟଲ

ଭୁବନେଶ୍ୱର : ଜାତୀୟସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ବାଜିମାତ୍ କରିଛନ୍ତି ଓଡ଼ିଆ ସୁନ୍ଦରୀ ସ୍ନିଗ୍ଧା ବିଶ୍ୱାଳ । ଦେଶ ବିଦେଶରୁ ଆସିଥିବା ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକାଇ ସେ 'ମିସ୍ ଇଣ୍ଡିଆ ୱାର୍ଲ୍ଡ ଟାଇଟଲ- ୨୦୨୨' ହାତେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସ୍ନିଗ୍ଧା ୧୦ଦିନିଆ ଏହି ପ୍ରତିଯୋଗିତାର ୩ଟି ପର୍ଯ୍ୟାୟରେ ନିଜର ଦକ୍ଷତା ଦେଖାଇ ଟାଇଟଲ ହାତେଇଛନ୍ତି । ନିକଟରେ ନୂଆଦିଲ୍ଲୀ ଠାରେ ମନିଷ ସହଦେବଙ୍କ ସଂସ୍ଥା 'ସ୍କାଏ ୱାକ୍ ଏଣ୍ଟରଟେନମେଣ୍ଟ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନିଗ୍ଧା ପିନ୍ଧିଛନ୍ତି ବିଜୟ ମୁକୁଟ ।



ଏଥିରେ ପ୍ରଖ୍ୟାତ ଅଭିନେତା ଓ ପ୍ରଯୋଜକ ଅରବାଜ ଖାନ, ସୁପର ମଡ଼େଲ ଦୀପ୍ତି ଗୁଜରାଲ ଓ ଅଦିତି ଗୋଭିତ୍ରୀକର ବିଚାରକ ରୂପେ ଯୋଗ ଦେଇଥିଲେ । ଓଡ଼ିଆ ଝିଅ ସ୍ନିଗ୍ଧା ବିଶ୍ୱାଳ ଏମସିଏଲ୍ ତଥା ଏନ୍‌ଟିପିସିର ପୂର୍ବତନ ଅର୍ଥ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ ଓ ମିନତି ବିଶ୍ୱାଳଙ୍କ କନ୍ୟା । ସେ ଭୁବନେଶ୍ୱର ୟୁନିଟ୍-୮ ଡିଏଭିରେ ସ୍କୁଲ ଶିକ୍ଷା ସାରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି । ବର୍ତ୍ତମାନ ସେ କଲମ୍ବସରେ ୟୁଏସ ଆମାଜନ କମ୍ପାନୀ ଅଧୀନରେ କାର୍ଯ୍ୟ କରୁଛନ୍ତି । ଛୋଟବେଳୁ ମଡେଲିଂ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା ।

## ଏ ସଂଖ୍ୟାରେ..


ନବରାତ୍ରୀ


ଦେହକୁ ହିତ ପିଜୁଳି


ହଳଦୀ ମିଶା କ୍ଷୀରପାନ ଅବସାଦ ଦୂରକରେ


ଦେଶୀ ସ୍ନାକ୍ସ ମଖାନା


ଘିକୁଆଁରୀ ଜୁସ୍ ପିଇ ମୋଟାପା ଦୂର କରନ୍ତୁ


ବନ୍ଧାକୋବିର ଉପକାରିତା

# ହୀରାକୁଦ ନଦୀବନ୍ଧ ବିସ୍ଥାପିତ ପରିବାରଙ୍କୁ ମିଳିଲା ଜମିପଟ୍ଟା

ଝାରସୁଗୁଡ଼ା : ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଭୂମିହୀନ ପ୍ରଜାଙ୍କୁ ୧୦ ଡିସିମିଲ ଲେଖାଏଁ ଜମି ପଟ୍ଟା ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଭିକମ୍‌ପାଲି ଠାରେ ଆୟୋଜିତ ଏକ ଉତ୍ସବରେ ବଣ୍ଟନ କରିଛନ୍ତି । ନଦୀବନ୍ଧ ନିର୍ମାଣ ହେବା ପରେ ଦୀର୍ଘ ୬ଦଶନ୍ଧି ହେଲା ଜମି ପଟ୍ଟା ପ୍ରଦାନ ସକାଶେ ଅନେକ ଥର ପ୍ରୟାସ ଓ ଘୋଷଣା ହୋଇଥିଲେ ତାହା ସମ୍ଭବ ହୋଇ ନ ଥିଲା । ତେବେ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସଂକଳ୍ପ ଓ ଅକ୍ଲାନ୍ତ ପରିଶ୍ରମର ସୁଫଳ ଏହି ଚିର ଅବହେଳିତ ବିସ୍ଥାପିତଙ୍କୁ ପ୍ରାପ୍ତ ହୋଇଛି ।

ପ୍ରକାଶ ଯୋଗ୍ୟ ଯେ, ହୀରାକୁଦ ବିସ୍ଥାପିତ କେତେକ ପରିବାର ଏବେ ବି ଭୂମି ଅଧିକାର ପାଇ ନ ଥିବା ହେତୁ ବାସିନ୍ଦା ପ୍ରମାଣପତ୍ର ଟିଏ ବି ବାହାର କରି ପାରୁନାହାନ୍ତି । ଏଣୁ ନଦୀବନ୍ଧରେ ସର୍ବସ୍ୱ ହରାଇ ବିସ୍ଥାପିତ ହୋଇଥିବା ଭୂମିହୀନ ପରିବାର ଗୁଡ଼ିକୁ ୧୦ ଡେସିମିଲ



ଲେଖାଏଁ ଘରଡିହ ପ୍ରଦାନ ପାଇଁ ଦୀର୍ଘ ଦଶନ୍ଧି ହେଲା ଲଖନପୁର ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତି ଆନ୍ଦୋଳନ କରି ଆସୁଥିଲା । ଏହାଫଳରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ହୀରାକୁଦ ନଦୀ ବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ପ୍ରତ୍ୟେକ ପରିବାର ପିଛା ୧୦ ଡେସିମିଲ ଲେଖାଏଁ ଘରଡ଼ିହ ଜମିପଟ୍ଟା ପ୍ରଦାନ କରିବାକୁ ଘୋଷଣା କରାଯାଇଥିଲା । ଏହାପରେ ଲଖନପୁର ତହସିଲ ଅଞ୍ଚଳରୁ ୭ ହଜାରରୁ ଅଧିକ, ଝାରସୁଗୁଡ଼ା ତହସିଲରୁ ପ୍ରାୟ ୫ଶହ, ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଞ୍ଚଳରୁ ୭ ଶହରୁ ଅଧିକ ପରିବାର ଆବେଦନ କରିଥିଲେ । ତେବେ ସେ ସମୟରେ ଏହା କୌଣସି ପ୍ରକାରେ କାର୍ଯ୍ୟାନ୍ୱୟନ ହୋଇ ପାରି ନ ଥିଲା । ତେବେ କିଶୋର ମହାନ୍ତି ବ୍ରଜରାଜନଗରରୁ ନିର୍ବାଚିତ ହେବା ପରେ ରାଜ୍ୟ ରାଜସ୍ୱ ବିଭାଗରେ ଏହା ଅନୁମୋଦନ କରିଥିଲେ । ସମାନ ସମୟରେ ସମାନ ସ୍ଥିତିରେ ବିସ୍ଥାପିତ ହୋଇ ଏବେ ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ ଜିଲାରେ ଥିବା ପରିବାର ଗୁଡ଼ିକ ଜମି ପଟ୍ଟା ପାଇବାରୁ ଏବେ ମଧ ବଞ୍ଚିତ ଅଛନ୍ତି । ହେଲେ ଝାରସୁଗୁଡ଼ା ଜିଲ୍ଲା ଏ ଦିଗରେ ଅଗ୍ରଣୀ ପଦକ୍ଷେପ ଗ୍ରହଣ କରିବାରେ ସଫଳ ହୋଇଛି । ତେବେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୨ ହଜାର ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ସକାଶେ ଯୋଗ୍ୟ ବିବେଚିତ କରାଯାଇଥିଲେ ହେଁ ଅହୁରି ଅନେକ ବିସ୍ଥାପିତ ପ୍ରଜା ଏହି ଜମି ପଟ୍ଟା ପାଇବାରୁ ବଞ୍ଚିତ ଥିବା ସୂଚନା ରହିଛି ।

# ଅହମଦାବାଦରେ ନୂଆଁଖାଇ ଭେଟ୍‌ଘାଟ୍

ଅହମଦାବାଦ : ପଶ୍ଚିମ ଓଡ଼ିଶା କଲଚରାଲ ଆସୋସିସନ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଆୟୋଜିତ ହୋଇଯାଇଛି । ଏଥିରେ ଓଏନଜିସି ମୁଖ୍ୟ ସତ୍ୟଦ୍ର କୁମାର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପଦ୍ମପୁରର ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ତଥା ଗବେଷକ ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଓଡ଼ିଶାର ବରଗଡ଼ ଜିଲ୍ଲା ଗାଇସିଲେଟର 'ଦୁଲ୍‌ଫୁଲ କଳା ପରିଷଦ' କଳାକାରମାନେ ରସରକେଲି ମାଇଲାଜଡ଼, ଚୁଟକୁଚୁଟା ଆଦି ପାରମ୍ପାରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଏକ ସମ୍ବଲପୁରୀ ଫେସନ ସୋ' ଅନୁଷ୍ଠିତ ହୋଇଥିଲା । ସମସ୍ତ ମହିଳା ସମ୍ବଲପୁରୀ ଶାଢ଼ୀ ପରିଧାନ କରିବା ସହ ସମ୍ବଲପୁରୀ କଥାବାର୍ତ୍ତା ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା । ପ୍ରସନ୍ନ କୁମାର ମିଶ୍ର, ଅରବିନ୍ଦ କୁମାର ମିଶ୍ର, ଅଶ୍ୱିନୀ ସେଠ, କିଶୋର ତରାଇ, ଦେବାଶିଷ ବାବୁ, ସ୍ୱର୍ଣ୍ଣଗ୍ରାହୀ ପଣ୍ଡା, ଶରତ ଭୋଇ, ରାମ ପ୍ରସାଦ ସାହୁ, ପିନାକିନୀ ପଣ୍ଡା, ସାଗରିକା ବାବୁ, ରୋଜି ମହାପାତ୍ର, ଜୀବନ ଯୋଶୀ, ଭାଗ୍ୟଦୟ ମିଶ୍ର, ସୁଧାଂଶୁ ପଣ୍ଡା, ରମାକାନ୍ତ ସାହୁ, ସୁଜିତ୍ ଦାସ, ଡାକ୍ତର ଅଂଶୁମାନ ସାହା ପ୍ରମୁଖ ସହଯୋଗ କରିଥିଲେ ।

# ହୀରାକୁଦରେ ଅନ୍ନଛତ୍ର ଏବଂ ଜଳଛତ୍ର ବ୍ୟବସ୍ଥା

ହୀରାକୁଦ : ବିଶ୍ୱକର୍ମା ପୂଜା ଉପଲକ୍ଷେ 'ମାନବ ସେବା ହିଁ ମାଧବ ସେବା'ଚାରିଟେବଲ ଟ୍ରଷ୍ଟ ତରଫରୁ ପଥଶ୍ରାନ୍ତ ପଥିକ ମାନଙ୍କ ପାଇଁ ଅନ୍ନଛତ୍ର ଏବଂ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଟ୍ରଷ୍ଟର ଅଧକ୍ଷ ଶ୍ରୀ ଚନ୍ଦ୍ରଶେଖର ଶତପଥୀ, କୋଷାଧକ୍ଷ ଶ୍ରୀମତୀ ତ୍ରିବେଣୀ ପଣ୍ଡା, ବରିଷ୍ଠ ଉପଦେଷ୍ଟା ଶ୍ରୀ ଜ୍ଞାନେନ୍ଦ୍ରୀୟ ଦାଶ, ଶ୍ରୀ ଜୟକୃଷ୍ଣ ପ୍ରଧାନ,ଶ୍ରୀମତୀ ସବିତା ଗୁରୁ, ଶ୍ରୀମତୀ ଇତିଶ୍ରୀ ଶତପଥୀ, ନିୟାମକ ଶ୍ରୀମତୀ ଗୀତାଞ୍ଜଳୀ ପଣ୍ଡା, ଶ୍ରୀ ଦୀନେଶ ସୁନା, ସମ୍ବାଦ ପ୍ରତିନିଧି ଶ୍ରୀ ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏଥି ସହିତ ଟ୍ରଷ୍ଟର ସକ୍ରିୟ ସଦସ୍ୟ ଶ୍ରୀ ଅତନୁ ବହିଦାର, ଶ୍ରୀମତୀ ଶିବାନୀ ସାହୁ, ଶ୍ରୀମତୀ ଶୁଭଶ୍ରୀ ଖୁଣ୍ଟିଆ, ଶ୍ରୀମତୀ ଜୟଶ୍ରୀ ନାୟକ, ଶ୍ରୀ ବିଜୟ ପଣ୍ଡା, ଶ୍ରୀ ମୋହିତ ସାହୁ, ଶ୍ରୀ ମାନଭଞ୍ଜନ ପଣ୍ଡା, ଶ୍ରୀ ସରୋଜ ଆଚାର୍ଯ୍ୟ, ଶ୍ରୀ ସୁଶାନ୍ତ ସାହୁ, ଶ୍ରୀ ସୁରେନ୍ଦ୍ର ପ୍ରଧାନ ତଥା ହୀରାକୁଦର କେତେ ଜଣ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ଟିକୁ ସୁଚାରୁ ରୂପେ ପଦସ୍ଥ ସମ୍ପାଦନ କରିଥିଲେ । ହିଣ୍ଡାଲକୋ କମ୍ପାନୀର ଏଚ ଆର ହେଡ ଶ୍ରୀ ରାକେଶ ଶର୍ମା ଏବଂ ଉଚ୍ଚ ପଦସ୍ଥ କର୍ମଚାରୀ ମାନେ ପରିଦର୍ଶନରେ ଆସି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ସୈନିକ ସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ

ସମ୍ବଲପୁର : ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଚିପିଲିମା ବସନ୍ତପୁର ସ୍ଥିତ ରାଜ୍ୟର ଦ୍ୱିତୀୟ ସୈନିକ ସ୍କୁଲ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବା ସହ ଭବିଷ୍ୟତର ଯୋଜନା ଓ ବିଦ୍ୟାଳୟର ସମସ୍ୟା ନେଇ ଅଧକ୍ଷ ଓ୍ୱିଙ୍ଗ କମାଣ୍ଡାଣ୍ଟ ସୌଭିକ ଭଟ୍ଟାଚାର୍ଯ୍ୟଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏହାଛଡ଼ା ଜିଲ୍ଲାପାଳ ଅତ୍ୟାଧୁନିକ କୌଶଳରେ ତିଆରି ହୋଇଥିବା ଶ୍ରେଣୀ କୋଠରୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀ ମାନଙ୍କ ସହ ଶିକ୍ଷାଦାନ ବିଷୟରେ ପଚାରି ବୁଝିଥିଲେ । ବର୍ତ୍ତମାନ ସୁଦ୍ଧା ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରିଥିବା ଜଣାପଡିଛି ।

# ଭାରତୀୟ ସଂସ୍କୃତିରେ ଶ୍ରୀଦୁର୍ଗା ଉପାସନା

ଭାରତୀୟ ସଂସ୍କୃତିରେ ଦୁର୍ଗାପୂଜାର ଐତିହ୍ୟ ଅତି ପ୍ରାଚୀନ । ବୈଦିକ ଯୁଗରେ ସର୍ବପ୍ରଥମେ 'ଦୁର୍ଗାସୂକ'ରେ ଏହାର ପ୍ରମାଣ ମିଳେ । ସେ ସମୟରେ ମୁର୍ତ୍ତିପୂଜା ପ୍ରଚଳିତ ନଥିଲେ ମଧ ଦୁର୍ଗାସୁରର ପାଠଦ୍ୱାରା ସକଳ ଦୁଃଖ ଦୂର କରିବାର ସୁତ୍ର ପ୍ରକାଶିତ ହୋଇଥିଲା । ବାସ୍ତବରେ ଯେଉଁ ଶକ୍ତି ଏକ ମାନବର ସକଳ ଦୁଃଖ ଦୂର କରିବାକୁ ସମର୍ଥା, ସେ ହିଁ ଦୁର୍ଗା ରୂପେ ଉପାସିତା ହୋଇ ଆସୁଛନ୍ତି । ବେଦର ରାତ୍ରି ସୁକ୍ତରେ ମଧ ଦେବୀଙ୍କ ମାହାତ୍ମ୍ୟ ପ୍ରକାଶିତ ହୋଇଛି । ଋଗ୍ ବେଦରେ ଦେବୀସୂକ୍ତରେ ଦୁର୍ଗାଙ୍କର ମହିମାର ଦାର୍ଶନିକ ବ୍ୟାଖ୍ୟା କରାଯାଇଛି ।

ସେହି ଦେବୀସୂକ୍ତରେ ଅଦ୍‌ଭଗ୍ ଋଷିଙ୍କ ବାକ୍ ନାମ୍ନୀ ବ୍ରହ୍ମବିଦୂଷୀ କନ୍ୟା ନିଜକୁ ଦେବୀଙ୍କ ସହିତ ଅଭିନ୍ନା ରୂପେ ପରିକଳ୍ପନା କରିଥିଲେ । ସେ କହିଥିଲେ ମୁଁ ରୁଦ୍ର ଓ ବସୁଗଣଙ୍କ ସହିତ ବିଚରଣ କରେ । ମୁଁ ଆଦିତ୍ୟ ଓ ଦେବଗଣଙ୍କ ସହିତ ରହିଛି । ମୁଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀ କୁମାରଦ୍ୱୟଙ୍କୁ ଧାରଣ କରିଛି । ମୁଁ ରାଷ୍ଟ୍ରର ଅଧିଶ୍ୱରୀ' ଇତ୍ୟାଦି । ଏଥିପାଇଁ ଶ୍ରୀ ଚଣ୍ଡୀମାହାତ୍ମ୍ୟ ପଠନ ମଧରେ ଦେବୀସୂକ୍ତର ପାଠକୁ ଅନ୍ତର୍ଭୁକ୍ତ କରାଯାଇଛି । ଉପନିଷଦ ଯୁଗରେ ତୈତିରୀୟ ଆରଣ୍ୟକ ଉପନିଷଦରେ ଦେବୀ ଅମ୍ବିକାଙ୍କୁ ରୁଦ୍ରଙ୍କ ପତ୍ନୀ ରୂପେ ବର୍ଣ୍ଣନା କରାଯାଇଛି । ଏଥିରେ ପ୍ରଥମେ ଦୁର୍ଗାଗାୟତ୍ରୀ ପ୍ରସଙ୍ଗରେ 'ଦୁର୍ଗା' ଶବ୍ଦର ପ୍ରୟୋଗ କରାଯାଇଛି । ଯଥା- ଓଁ କାତ୍ୟାୟନାୟୈ ବିଦ୍ମହେ କନ୍ୟାକୁମାରୀଂ ଧିମହୀ ତନ୍ନୋ ଦୁର୍ଗୀ ପ୍ରଚୋଦୟାତ୍" । କୁମାରୀକନ୍ୟାଙ୍କୁ ଦୁର୍ଗାଙ୍କ ସ୍ୱରୂପରେ ଆବାହନ କରିବାର ପରମ୍ପରା ଉପନିଷଦରୁ ଗୃହୀତ । 'କେନୋପନିଷଦ'ରେ ମଧ ଆଦ୍ୟାଶକ୍ତିଙ୍କୁ ହିମବନ୍ତ କନ୍ୟା ଉମା ରୂପେ, 'ଗୌରୀଗାୟତ୍ରୀ'ରେ ଗୌରୀ ଓ ଗିରିସୁତା ରୂପେ ଏବଂ 'ଶ୍ରୀସୂକ୍ତ'ରେ ସେହି ଶକ୍ତିଙ୍କୁ ହିରଣ୍ୟବର୍ଷା ଲକ୍ଷ୍ମୀ ରୂପେ ସ୍ତୁତି କରାଯାଇଛି ।

ଯୋଗଦର୍ଶନରେ ଆଦ୍ୟାଶକ୍ତିଙ୍କୁ 'କୁଣ୍ଡଳିନୀ' ଶକ୍ତି ରୂପେ ଓ ସାଂଖ୍ୟଦର୍ଶନରେ ପ୍ରକୃତି ରୂପେ ଗ୍ରହଣ କରାଯାଏ । ତନ୍ତ୍ରଦର୍ଶନରେ ତାଙ୍କୁ ପରାଶକ୍ତି ରୂପେ ବର୍ଣ୍ଣନା କରାଯାଇଛି । 'ଆନନ୍ଦ ଲହରୀ' ସ୍ତୋତ୍ରରେ ଶକ୍ତିଦର୍ଶନର ବିଶଦ ବ୍ୟାଖ୍ୟା ହୋଇଛି । ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞାଚକ୍ର ଦେଇ ଶକ୍ତି ଜାଗରଣ କରାଯାଏ । ପରିଶେଷରେ ମସ୍ତିଷ୍କ ମଧରେ ପରିକଳ୍ପିତ ସହସ୍ରାର ପଦ୍ମରେ ପରମଶିବ ଓ ମହାଶକ୍ତିଙ୍କର ଐକ୍ୟ ଅନୁଭବ କରାଯାଏ । କୁଣ୍ଡଳିନୀ ଜାଗରଣ ଦ୍ୱାରା ସାଧନାରେ ସିଦ୍ଧିଲାଭ ହୋଇଥାଏ । ବୌଳାର୍ଣ୍ଣବ ତନ୍ତ୍ର, ମହାନିର୍ବାଣତନ୍ତ୍ର ପ୍ରଭୃତିରେ ମହାଶକ୍ତି ଭଗବତୀ ଦୁର୍ଗାଙ୍କ ଉପାସନାର ବିଶେଷ ପଦ୍ଧତି ସଂପର୍କରେ ସୂଚନା ଦିଆଯାଇଛି ।



ରାମାୟଣ ଯୁଗରେ ଦୁର୍ଗାପୂଜା ପ୍ରଚଳିତ ଥିଲା । ମୂଳ ବାଲ୍ମୀକି ରାମାୟଣରେ ବର୍ଣ୍ଣନା ନ ଥିଲେ ମଧ ଦେବୀ ଭାଗବତ, କାଳିକାପୁରାଣ ଓ ବଙ୍ଗଳାର କୃତ୍ତିବାସ ରାମାୟଣରେ ରାମଚନ୍ଦ୍ର ଅସମୟରେ ଅର୍ଥାତ୍ ଶରତ ଋତୁରେ ଦୁର୍ଗାପୂଜା କରିଥିଲେ ବୋଲି ଉଲ୍ଲେଖ ରହିଛି । ଏହାର କାରଣ ବସନ୍ତ ଋତୁରେ ପ୍ରକୃତପକ୍ଷେ ଦୁର୍ଗାପୂଜା କରାଯାଏ । କିନ୍ତୁ ରାବଣ ବଧ ପାଇଁ ରାମଚନ୍ଦ୍ର ଶରତ ଋତୁରେ ଦେବୀ ଆବାହନ କରିଥିଲେ । ଫଳରେ ବିଜୟା ଦଶମୀ ଦିନ ରାବଣଙ୍କୁ ବଧ କରି ବିଜୟ ଉତ୍ସବ ପାଳନ କରାଯାଇଥିଲା ।

କୌଶଲ୍ୟା ସମସ୍ତ ଅଶୁଭ ନାଶ ପାଇଁ ଦୁର୍ଗାପୂଜା କରିଥିଲେ ବୋଲି ଆଧ୍ୟାତ୍ମ ରାମାୟଣରେ ବର୍ଣ୍ଣନା କରାଯାଇଛି । କୃଷ୍ଣପ୍ରେମ ଲାଭ ପାଇଁ ଦ୍ୱାପର ଯୁଗରେ ଗୋପାଙ୍ଗନାମାନେ କାତ୍ୟାୟନୀଙ୍କୁ ପୂଜା କରିଥିଲେ ବୋଲି ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି । ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତିଖଣ୍ଡରେ ସୃଷ୍ଟିର ସାରସର୍ବସ୍ୱ ପ୍ରକୃତିରୂପିଣୀ ମହାଶକ୍ତି ଓ ସର୍ବୋଚ୍ଚ ପରାସତ୍ତ୍ୱଙ୍କ ବିଷୟରେ ସୂଚନା ଦିଆଯାଇଛି । ବାମନପୁରାଣ, ମତ୍ସ୍ୟପୁରାଣ ପ୍ରଭୃତିରେ ଦେବୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଗୁପ୍ତଯୁଗରେ ବରାହମିହିରଙ୍କ ବୃହତ୍ ସଂହିତା ଗ୍ରନ୍ଥରେ ଶକ୍ତି ଉପାସକ ଗୋଷ୍ଠୀମାନଙ୍କ ବିଷୟରେ ସୂଚନା ଦିଆଯାଇଛି । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତ ଶ୍ଳୋକବିଶିଷ୍ଟ 'ଶ୍ରୀଚଣ୍ଡୀ ମାହାତ୍ମ୍ୟ'ରେ ଭଗବତୀ ଦୁର୍ଗାଙ୍କର ସର୍ବଶ୍ରେଷ୍ଠ ମହିମା ଓ ଦାର୍ଶନିକ ରହସ୍ୟ ପ୍ରଦାନ କରାଯାଇଛି । ଏଥିରେ ବର୍ଣ୍ଣନା ରହିଛି ଯେ, ସତ୍ୟଯୁଗରେ ସ୍ୱରୋଚିଷ ମନ୍ୱନ୍ତରରେ ସୁରଥ ନାମରେ ଜଣେ ରାଜା ଥିଲେ । ସେ ସମସ୍ତ ଭୂମଣ୍ଡଳର ଅଧିକାରୀ ଥିଲେ । କିନ୍ତୁ କୋଳାନଗରୀକୁ ଧ୍ୱଂସ କରିଥିବା କ୍ଷତ୍ରିୟମାନେ ତାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ସେ ରାଜ୍ୟଭ୍ରଷ୍ଟ ହୋଇ ଜଙ୍ଗଲକୁ ଚାଲିଗଲେ । ସେଠାରେ ଜ୍ଞାତିକୁଟୁମ୍ବଙ୍କ ଦ୍ୱାରା ବିତାଡ଼ିତ ସମାଧି ନାମକ ବୈଶ୍ୟ ପହଞ୍ଚିଥିଲେ । ମେଧସ୍ ଋଷିଙ୍କ ଆଶ୍ରମରେ ରାଜା ସୁରଥ ଓ ସମାଧି ବୈଶ୍ୟଙ୍କୁ ଋଷି ମହାମାୟା ଭଗବତୀ ଦୁର୍ଗାଙ୍କ ମାହାତ୍ମ୍ୟ ଶୁଣାଇଥିଲେ । ଫଳରେ ଭଗବତୀ ଦୁର୍ଗାଙ୍କ ଉପାସନା କରି ସୁରଥ ରାଜ୍ୟ ଫେରିପାଇଥିଲେ ଓ ସମାଧି ଆତ୍ମଜ୍ଞାନ ଲାଭ କରିଥିଲେ । ସେହି 'ଶ୍ରୀଚଣ୍ଡୀ'ରେ ମହାଶକ୍ତିଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ତିନୋଟି ଚରିତ୍ର ମାଧମରେ ପ୍ରତିଷ୍ଠା କରାଯାଇଛି । ସେ ହିଁ ଜଗତଜନନୀ ଓ ବିଶ୍ୱେଶ୍ୱରୀ ରୂପେ ଉପାସିତା ହୋଇ ଆସୁଛନ୍ତି ।

ଅନନ୍ତ କାଳର ଅଧିଷ୍ଠାତ୍ରୀ ରୂପେ ସେ ହେଲେ ମହାକାଳୀ । ଦୁଇଟି ହସ୍ତରେ ସେ ଜଗତକୁ ପାଳନ କରନ୍ତି ଓ ଅନ୍ୟ ଦୁଇଟି ହସ୍ତରେ ଅସୁର ଶକ୍ତିର ବିନାଶ କରନ୍ତି । ସମସ୍ତ ଦେବଗଣଙ୍କ ସମ୍ମିଳିତ ତେଜରୁ ସଂଭୂତ ମହାଲକ୍ଷ୍ମୀ ହିଁ ମହିଷମର୍ଦ୍ଦିନୀ ଦୁର୍ଗା ରୂପେ ଆରାଧିତା । ମହାସରସ୍ୱତୀ ମହାମାୟାଙ୍କ ଜ୍ଞାନଶକ୍ତିର ପ୍ରତୀକ । ସେ ପାର୍ବତୀ ବା ଗୌରୀଙ୍କ ଶରୀରରୁ ଉତ୍ପନ୍ନ ହୋଇ ଶୁମ୍ଭ, ନିଶୁମ୍ଭକୁ ବିନାଶ କରିଥିଲେ । ତାଙ୍କ ଶରୀରରୁ କାଳିକା, ବାରାହୀ, ନାରସିଂହୀ, ଚାମୁଣ୍ଡା, ବ୍ରହ୍ମାଣୀ, ରୁଦ୍ରାଣୀ ପ୍ରଭୃତି ମାତୃଶକ୍ତି ଉତ୍ପନ୍ନ ହୋଇ ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ ନିଧନରେ ସହାୟତା କରିଥିଲେ । ଏଣୁ ଶ୍ରୀଚଣ୍ଡୀରେ କୁହାଯାଇଛି – ଏକୈ ବାହଂ ଜଗତ୍ୟତ୍ର ଦ୍ୱିତୀୟା କା ମମାପରା । ଅର୍ଥାତ୍, ଏ ଜଗତରେ ମୁଁ ହିଁ ଏକମାତ୍ର ଶକ୍ତି ଭାବରେ ପରିବ୍ୟାପ୍ତ । ମୋଠାରୁ ଭିନ୍ନ ଦ୍ୱିତୀୟ ଶକ୍ତି ନାହାନ୍ତି । ନାରାୟଣୀ ସ୍ତୁତି ମାଧମରେ ଦେବତାମାନେ ମହାସରସ୍ୱତୀଙ୍କୁ ସ୍ତୁତି କରିବା ପରେ ଦେବୀ ସେମାନଙ୍କୁ ଅଭୟ ଦେଇଥିଲେ ଓ କହିଥିଲେ ଯେ ଦାନବ ଶକ୍ତିର ବିନାଶ ପାଇଁ ସେ ନିଶ୍ଚିତ ଭାବରେ ଆବିର୍ଭୂତା ହେବେ ଓ ଭକ୍ତଗଣଙ୍କର ସକଳ ବାଧା ଦୂର କରି ସତ୍ୟ, ଆନନ୍ଦ ଓ ଶାନ୍ତି ପ୍ରତିଷ୍ଠା କରିବେ ।

ଏହି ଶ୍ରୀଚଣ୍ଡୀ ବା ଦେବୀମାହାତ୍ମ୍ୟ ଅବଲମ୍ବନରେ ପ୍ରାଚୀନ ଯୁଗରୁ ଏଯାବତ୍ ଶରତ କାଳରେ ଭଗବତୀ ଦୁର୍ଗାଙ୍କର ଷୋଡ଼ଶ ଦିନାତ୍ମକ, ନବରାତ୍ରୀ ଓ ତ୍ରିଦିନାତ୍ମକ ମହାପୂଜା ଅନୁଷ୍ଠିତ ହୋଇଆସୁଛି । ଭାରତ ବର୍ଷର ବିଭିନ୍ନ ଶକ୍ତିପୀଠ ଓ ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ଏହି ଉପଲକ୍ଷେ ଅତି ନିଷ୍ଠାର ସହ ଦେବୀପୂଜା କରାଯାଏ । ଏତଦ୍ ବ୍ୟତୀତ ସମଗ୍ର ଭାରତରେ ବିଭିନ୍ନ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ବହୁ ଆଡମ୍ବରରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରାଯାଇ ଆସୁଛି ।

# ମହାଳୟାର ତାତ୍ପର୍ଯ୍ୟ

ମହାଳୟା ଏକ ସର୍ବଭାରତୀୟ ପର୍ବ । ସାଧାରଣତଃ ପର୍ବ ଦୁଇ ପ୍ରକାର । ଦେବପର୍ବ ଓ ପିତୃପର୍ବ । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଓ ଅର୍ଚ୍ଚନା କରାଯାଏ, ତାହାକୁ ଦେବପର୍ବ ଓ ପିତୃଗଣଙ୍କ ଉଦ୍ଦେଶ୍ୟରେ ଯେଉଁ ଦାନ ଓ ଉତ୍ସର୍ଗ ପ୍ରଭୃତି ଅନୁଷ୍ଠାନମାନ ପାଳିତ ହୁଏ, ତାହାକୁ ପିତୃପର୍ବ କହନ୍ତି । ଶ୍ରାଦ୍ଧ ହିଁ ପିତୃପର୍ବ । ଶ୍ରଦ୍ଧୟା ଅନ୍ନା ଦେର୍ଦାନମ, ଅର୍ଥାତ୍ ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ଦାନ କରାଯାଏ, ତାହା ହିଁ ଶ୍ରାଦ୍ଧ । ଧର୍ମଶାସ୍ତ୍ରରେ ମୁଖ୍ୟତଃ ଛୟାନବେ ପ୍ରକାର ଶ୍ରାଦ୍ଧ ପାଳନର ବିଧି ଉଲ୍ଲେଖ ଅଛି ।

ଅମାଯୁଗମନୁକ୍ରାନ୍ତି ଧୃତିପାତ ମହାଳୟାଃ, ଅନ୍ୱଷ୍ଟ କ୍ୟ ଚ ପୂର୍ବେ ଦୁଃ ଷଣ୍ଣବତ୍ୟ ପ୍ରକୀର୍ତ୍ତିତାଃ ।

ଏଥିରୁ ଜଣାଯାଏ ଯେ ହିନ୍ଦୁ ସମାଜରେ ଷୋହଳ ପ୍ରକାର ଅମାବାସ୍ୟା ଶ୍ରାଦ୍ଧ, ଚାରି ପ୍ରକାର ଯୁଗଶ୍ରାଦ୍ଧ, ଚଉଦ ପ୍ରକାର ଯୋଗଶ୍ରାଦ୍ଧ, ଚାରି ପ୍ରକାର ମନୁଶ୍ରାଦ୍ଧ, ବାର ପ୍ରକାର ସଂକ୍ରାନ୍ତି ଶ୍ରାଦ୍ଧ, ତେର ପ୍ରକାର ଯୋଗ ଶ୍ରାଦ୍ଧେ, ଚାରି ପ୍ରକାର ଅଷ୍ଟକା ଶ୍ରାଦ୍ଧ ଓ ଚାରି ପ୍ରକାର ଅନ୍ତଷ୍ଟକା ଶ୍ରାଦ୍ଧ ଏବଂ ଷୋହଳ ପ୍ରକାର ମହାଳୟା ଶ୍ରାଦ୍ଧ ପ୍ରଚଳିତ ଥିଲା ।

କେବଳ ପିତୃମାତୃ ଗଣଙ୍କ ମୃତ୍ୟୁବାର୍ଷିକୀ ବା ମୃତ୍ୟୁ ଦିବସରେ ଶ୍ରାଦ୍ଧ ଦିଆଯାଏ ବୋଲି ସାଧାରଣରେ ଧାରଣା ଅଛି । କିନ୍ତୁ ଧର୍ମଶାସ୍ତ୍ରରେ 'ଶ୍ରାଦ୍ଧ' ଶବ୍ଦଟି ଅତୀବ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଇଥିବାର ଦେଖାଯାଏ । ତଦନୁଯାୟୀ ଯେ କୌଣସି ଶୁଭଦିନ ବା ଶୁଭକାର୍ଯ୍ୟ ଅନୁଷ୍ଠାନରେ ପିତୃଗଣଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ । ହିନ୍ଦୁ ସମାଜରେ ନିତ୍ୟ ନୈମିତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧ ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଅଧିକ ଆଦର ରହିଛି ।

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦଠାରୁ ପରବର୍ତ୍ତୀ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ । ଏହି ପିତୃପକ୍ଷରେ ହିନ୍ଦୁମାନେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିମ୍ବା ପୁଷ୍କରିଣୀରେ ପ୍ରତିଦିନ ନିଜର ପିତା, ପିତାମହ, ପ୍ରପିତାମହ, ମାତା ମାତାମହୀ, ପ୍ରମାତାମହୀ, ମାତାମହ, ପ୍ରମାଣମହ, ବୃଦ୍ଧ ପ୍ରମାଣମହ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରନ୍ତି ଏତଦବ୍ୟତୀତ ପରିବାରର ସ୍ୱର୍ଗତ ଅନ୍ୟ ସମ୍ପର୍କୀୟ ବ୍ୟକ୍ତି ତଥା ମୃତ ଗୁରୁ, ପରିଚିତ ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ଉଦ୍ଦେଶ୍ୟରେ ମଧ ଏହି ସମୟରେ ତର୍ପଣ କରାଯାଇଥାଏ ।

ଆତ୍ମା ବୈ ଜାୟତେ ପୁତ୍ରଃ ଅର୍ଥାତ୍ ପୁତ୍ରଠାରେ ହିଁ ପିତାର ଆତ୍ମା ନିହିତ । ପୁତ୍ର ହିଁ ମୁଖ୍ୟତଃ ଶ୍ରାଦ୍ଧର କର୍ତ୍ତା । ପୁତ୍ ନାମକ ନର୍କରୁ ଉଦ୍ଧାର କରୁଥିବାରୁ ପୁତ୍ରର ସୃଷ୍ଟି । ପୁତ୍ର ଓ ପୁତ୍ରସ୍ଥାନୀୟ ପୌତ୍ର ଓ ପ୍ରପୌତ୍ରମାନେ ଶ୍ରାଦ୍ଧ ଅନୁଷ୍ଠାନ ଦ୍ୱାରା ପିତୃଗଣଙ୍କୁ ପରିତୃପ୍ତ କରିଥାନ୍ତି । ଶ୍ରାଦ୍ଧ ଦ୍ୱାରା ହିଁ ସ୍ୱର୍ଗତଃ ପିତୃଗଣଙ୍କ ଆତ୍ମା ଶାନ୍ତି ଲାଭ କରେ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି- ପିତା ସ୍ୱର୍ଗଃ ପିତା ଧର୍ମ ପିତା ହିଁ ପରମଂ ତପଃ । ପ୍ରିତରି ପ୍ରୀତିମାପନ୍ନେ ପ୍ରିୟତେ ସର୍ବଦେବତାଃ ।

ପିତୃଗଣଙ୍କ ସନ୍ତୋଷରେ ହିଁ ଦେବଗଣ ସନ୍ତୁଷ୍ଟ ହୋଇଥାନ୍ତି । କିନ୍ତୁ ପ୍ରଶ୍ନ ହୁଏ ଶ୍ରାଦ୍ଧରେ ଅର୍ପିତ ଭୋଜ୍ୟ ବା ଉତ୍ସର୍ଗୀକୃତ ଦ୍ରବ୍ୟ ପ୍ରକୃତରେ ପିତୃଗଣ ଗ୍ରହଣ କରିଥାନ୍ତି କି ? ଏହାର ଉତ୍ତର ସ୍ୱରୂପ ଶାସ୍ତ୍ରରେ କୁହାଯାଇଛି-

'ଯଥା ଗୋଷ୍ଠୁ ପ୍ରନଷ୍ଟାସୁ ବତ୍ସୋ ବିଳତି ମାତରମ୍, ତଥା ଶ୍ରାଦ୍ଧେଷୁ ବତ୍ତାନଂ ମନ୍ତ୍ରଃ ପ୍ରାପୟେତ ତୁ ତମ୍ ।

ଅର୍ଥାତ୍ ଗୋ ଗୋଷ୍ଠରେ ମା ଠାରୁ ଦୈବାତ୍ ବିଚ୍ଛିନ୍ନ ହୋଇଥିବା ବାଛୁରୀ ଯେପରି ନିଜର ମା'କୁ ଲାଭ କରଥାଏ, ସେହିପରି ଶ୍ରାଦ୍ଧଦତ୍ତ ଅନ୍ନକୁ ମନ୍ତ୍ର ହିଁ ପିତୃ ଗଣଙ୍କ ଠାରେ ପହଞ୍ଚାଇ ଦେଇଥାଏ । ଆଉ ମଧ ଏକ ଉଦାହରଣ ଦିଆଯାଇ ପାରେ । ଜଣେ ଭାରତୀୟ ଭାରତ ବାହାରେ ଥିବା ନିଜ ସମ୍ପର୍କୀୟଙ୍କୁ ପଠାଇଥିବା ମୁଦ୍ରା ଯେପରି ସେ ଦେଶର ମୁଦ୍ରାରେ ରୂପାନ୍ତରିତ ହୋଇ ସମ୍ପୃକ୍ତ ବ୍ୟକ୍ତିକୁ ମିଳିଥାଏ, ସେହିପରି ଭୂଲୋକରେ ସମ୍ପର୍କୀୟଙ୍କ ପ୍ରଦତ୍ତ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଥାଏ ।

ପ୍ରତିପଦଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କରିବା ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବା ସମୟରେ ଯେଉଁ ଅମାବାସ୍ୟା ନାମରେ କଥିତ ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିତ ଶ୍ରାଦ୍ଧ ବା ପାର୍ବଣ ଶ୍ରାଦ୍ଧ କୁହାଯାଏ । ଲୋକ ସାଧାରଣରେ ଏହାକୁ ମଉଳା ଶ୍ରାଦ୍ଧ କହନ୍ତି । ଅମାବାସ୍ୟା ତିଥିରେ ମହାଳୟା ଶ୍ରାଦ୍ଧ ହେଉଥିବାରୁ ଏହାକୁ ମହାଳୟା ଅମାବାସ୍ୟା କହନ୍ତି ।

ପିତୃପକ୍ଷରେ ବ୍ରାହ୍ମଣମାନେ ତର୍ପଣ କରୁଥିଲେ ମଧ ଅନ୍ୟମାନେ ପ୍ରାୟ ତର୍ପଣ କରନ୍ତି ନାହିଁ । ସେମାନେ ଦ୍ୱିତୀୟା ଠାରୁ ଆରମ୍ଭ କରି ପଞ୍ଚମୀ ମଧରେ ପିତୃଗଣଙ୍କୁ ପିଣ୍ଡଦାନ କରନ୍ତି । ବର୍ଷକ ମଧରେ ଏହା ହିଁ ଏକମାତ୍ର ଅବସର ଯେଉଁ ସମୟରେ କି ଆତ୍ମୀୟ, ସ୍ୱଜନ ତଥା ପରିବାରର ସମସ୍ତ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ମହାଳୟାରେ ଯେଉଁ ଶ୍ରାଦ୍ଧ ଦାନ ସମ୍ମୁଖରେ ଶ୍ରଦ୍ଧାର୍ପଣ କରାଯାଉଥିବାରୁ ସ୍ୱୟଂ ବିଷ୍ଣୁ ବିଶ୍ୱେଦେବ ରୂପେ ଶ୍ରଦ୍ଧାସ୍ଥଳରେ ପୂଜିତ ହୁଅନ୍ତି ।

ମହାଳୟାରେ ସେହି ବୈଶ୍ୱଦେବଙ୍କୁ ଧୂରି ଓ ଲୋଚନ ନାମରେ ଆବାହନ କରାଯାଇଥାଏ । ପିଣ୍ଡଦାନ କାଳରେ ବୈଶ୍ୱଦେବ, ପିତୃ ତିନି ପୁରୁଷ ଓ ମାତାମହ ତିନି ପୁରୁଷ ନିର୍ଦ୍ଦିଷ୍ଟ ଆସନରେ ପୂଜିତ ହୁଅନ୍ତି । ଏହି ଛ ପରୁଷଙ୍କୁ ପିଣ୍ଡ ଦେବା ପୂର୍ବରୁ ଆଉ ଗୋଟିଏ ଲୁପ୍ତ ପିଣ୍ଡ ଦିଆଯାଏ । ଏହାର କାରଣ ହେଉଛି ବଂଶ ମଧରେ ଯଦି କୌଣସି ବ୍ୟକ୍ତି ବଂଶଲୋକ ହେତୁରୁ ଶ୍ରାଦ୍ଧରୁ ବଞ୍ଚିତ ହୋଇଥାଏ, ତାଙ୍କରି ଉଦ୍ଦେଶ୍ୟରେ ଏହି ପିଣ୍ଡଟିକୁ ଅର୍ପଣ କରାଯାଏ ।

ଶ୍ରାଦ୍ଧରେ ଅରୁଆ ଚାଉଳ, ଗହମ ଛତୁ, ଅଟା, ପିଣ୍ଡୋପକରଣ ରୂପେ ଗୃହୀତ ହୁଏ । ଏଥିରେ ପଞ୍ଚାମୃତ, ଫଳମୂଳ ପ୍ରଭୃତି ପକାଇ ପିଣ୍ଡ ଅନ୍ନ ପ୍ରସ୍ତୁତ କରାଯାଏ । ବ୍ରାହ୍ମଣମାନେ ନିଜ ଗୃହରେ ଶ୍ରାଦ୍ଧ ଅର୍ପଣ କଲେ ହବିଷ୍ୟାନ୍ନ ପ୍ରସ୍ତୁତ କରି ପିଣ୍ଡଦାନ କରନ୍ତି । ଅନ୍ୟମାନେ ଦିନରେ ଅରୁଆ ଚାଉଳରେ ପିଣ୍ଡ ଦେବା ପରେ ପୁରୋହିତଙ୍କୁ ଚାଉଳ, ଡାଲି, ପରିବା ପ୍ରଭୃତି ଭୋଜ୍ୟ ପଦାର୍ଥ ଅର୍ପଣ କରନ୍ତି । ରାତ୍ରିରେ ସ୍ୱତନ୍ତ୍ର ଭାବେ ହବିଷ୍ୟ ଅନ୍ନ ପ୍ରସ୍ତୁତ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ପରେ, ପରିବାର ବର୍ଗଙ୍କ ସହିତ ଭୋଜନ କରନ୍ତି । ଧର୍ମଶାସ୍ତ୍ରର ଉଲ୍ଲେଖ ଅନୁସାରେ ଗୟାତୀର୍ଥ ପିଣ୍ଡଦାନ ଲାଗି ପ୍ରଶସ୍ତ କ୍ଷେତ୍ର । ମହାଳୟା ଦିନ ଗୟା କ୍ଷେତ୍ରରେ ପିଣ୍ଡଦାନ କରାଗଲେ ପିତୃଲୋକ ପିତୃତୃପ୍ତ ହୁଅନ୍ତି । ଉତ୍କଳୀୟ ପୁରାଣ ଓ ଧର୍ମଶାସ୍ତ୍ରରେ ଯାଜପୁରକୁ 'ନାରୀକ୍ଷେତ୍ର' ଓ ଭୁବନେଶ୍ୱର ସ୍ଥିତ ସ୍ୱକ୍ଷେଶ୍ୱର ପୀଠକୁ ପାଦ ପୀଠ ରୂପେ ବର୍ଣ୍ଣନା କରାଯାଇଛି । ସେହି ଦୃଷ୍ଟିରୁ ଏହି ଦୁଇ ପୀଠରେ ଶତଶତ ଉତ୍କଳୀୟ ମହାଳୟା ଦିନ ପିଣ୍ଡଦାନ କରନ୍ତି ।

ଗୟା ତୀର୍ଥରେ ପିଣ୍ଡଦାନ କରିବା ପରେ ପୁନର୍ବାର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଅର୍ପଣ କରାଯାଏ ନାହିଁ ବୋଲି ଆମେ ସମାଜରେ ଏକ ଭ୍ରାନ୍ତ ଧାରଣା ରହିଛି । କିନ୍ତୁ ଏହା ଶାସ୍ତ୍ରାନୁମୋଦିତ ନୁହେଁ । ସେ ଯାହା ହେଉନା କାହିଁକି ମହାଳୟା ଯେ ଏକ ପବିତ୍ର ଏଥିରେ ସନ୍ଦେହ ନାହିଁ । ଓଡ଼ିଶାର ତନ୍ତ୍ରଶାସ୍ତ୍ରରେ ଦେବୀଙ୍କର ଷୋହଳ ପୂଜାର ବିଧାନ ରହିଛି । (ଷୋଡ଼ଶ ଉପଚାର ବିଧିରେ) ଭାଦ୍ରବମାସ କୃଷ୍ଣପକ୍ଷ, ଅଷ୍ଟମୀ ବା ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ଷୋଳଦିନରେ ଦେବୀଙ୍କ ଷୋଳପୂଜା କରାଯାଏ । ତାନ୍ତ୍ରିକମାନେ ଦେବୀଙ୍କ ଷୋଡ଼ଶ କଳାର ପ୍ରତୀକ ଭାବେ ଷୋଳପୂଜାର ବିଧାନ କରିଛନ୍ତି । ତେଣୁ ମହାଳୟା ଦିନଟି ଷୋଳପୂଜାର ମଧଭାଗରେ ପଡୁଥିବାରୁ ଏହା ଦେବୀଙ୍କର ପ୍ରିୟତମ ଦିବସ ରୂପେ ଖ୍ୟାତି ଲାଭ କରିଛି । ମହାଳୟା ଦିନ ପ୍ରଭାତରୁ ଦେବୀଙ୍କ ଉଦ୍ଦେଶ୍ୟରେ ଚଣ୍ଡୀପାଠ କରାଯାଇଥାଏ । ତାନ୍ତ୍ରିକମାନେ ଅମାବାସ୍ୟା ଦିନକୁ ନିଜର ସାଧନା ଲାଗି ଉତ୍କୃଷ୍ଟ ଦିବସ ରୂପେ ଗ୍ରହଣ କରିଥାନ୍ତି । କିନ୍ତୁ ମହାଳୟା ଦିନଟି ଦେବୀଙ୍କର ପ୍ରଥମ ଦେବୀଙ୍କ ଅଷ୍ଟକଳାର ଶେଷ ହେଉଥିବାରୁ ସେହିଦିନ ମନ୍ତ୍ରପୁରଶ୍ଚରଣ ବା କୌଣସି ବିଶେଷ ପ୍ରକାର ସିଦ୍ଧି ଲାଭ ପାଇଁ ସାଧକମାନେ ମହାନିଶାରେ (ଗଭୀର ରାତ୍ରିରେ) ସାଧନାରତ ରହନ୍ତି । ତେଣୁ, ଧର୍ମଶାସ୍ତ୍ର, ପୁରାଣ ଓ ତନ୍ତ୍ରଶାସ୍ତ୍ର ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଯେପରି ପ୍ରଶସ୍ତ ସେହିପରି ରାତ୍ରିଟି ମଧ ସାଧନାରେ ସିଦ୍ଧି ଲାଭ ପାଇଁ ଶୁଭରାତ୍ରି ରୂପେ ଗୃହୀତ ।

## ଆଜିର ଚିନ୍ତନ

ଏକଦା ଜଣେ ନିର୍ଦ୍ଧନ ବ୍ରାହ୍ମଣ ବ୍ୟକ୍ତି ସନ୍ଥ ତୁଳସୀ ଦାସଙ୍କ ନିକଟକୁ ଆସି ନିଜ କନ୍ୟାର ବିବାହ ନିମନ୍ତେ କିଛି ସାହାଯ୍ୟ ପାଇଁ ଅନୁରୋଧ କଲେ । ତୁଳସୀ ଦାସ କହିଲେ – ମୁଁ ତ ଭଲା ଜଣେ ଫକୀର ! ମୁଁ ତୁମର କିପରି ସାହାଯ୍ୟ କରିପାରିବି ? କିନ୍ତୁ ହଁ, ମୋର ଜଣେ ମିତ୍ର ଅଛନ୍ତି, ଯିଏକି ବାଦଶାହା ଆକବରଙ୍କ ଦରବାରରେ ଉଚ୍ଚ ପଦରେ ଅବସ୍ଥାପିତ ଅଛନ୍ତି, ତାଙ୍କ ନାମ ହେଲା ଅବ୍ଦୁ ରହିମ ଖାଁ । ସେ ଜାତିରେ ମୁସଲମାନ ହେଲେ ମଧ ବଡ଼ କୃଷ୍ଣଭକ୍ତ ଏବଂ ସ୍ୱଭାବରେ ଖୁବ୍ ଦୟାଳୁ, ଦାନୀ । କିନ୍ତୁ ଦାନୀଲୋକଙ୍କୁ ସିଧା ମାଗିବା ଉଚିତ୍ ନୁହେଁ । ମୁଁ ତୁମ ପାଇଁ ଏଇ ଚିଠି ମାଧମରେ କିଛି ଲେଖି ଦେଉଛି, ଆପଣ ନେଇ ତାଙ୍କୁ ଚିଠିଟି ଦେବେ । ବ୍ରାହ୍ମଣ ବ୍ୟକ୍ତି ଜଣକ ଖୁସି ମନରେ ରହିମ୍‌ଙ୍କ ନିକଟରେ ପହଞ୍ଚି ଚିଠିଟି ଦେଲେ । ଚିଠିଟି ପଢ଼ିସାରି ରହିମ କହିଲେ– ଆପଣଙ୍କର କେତେ ଧନ ଆବଶ୍ୟକ ? ବ୍ରାହ୍ମଣ ଜଣକ କନ୍ୟାର ବିବାହ ହେତୁ ଧନ ନିତାନ୍ତ ଆବଶ୍ୟକ ବୋଲି କହିଲେ । ରହିମ କହିଲେ– ଠିକ୍ ଅଛି, ବିବାହ ପୂର୍ବରୁ ମୋତେ ଟିକିଏ ଜଣେଇଦେବ, ସମସ୍ତ ପ୍ରକାର ବନ୍ଦୋବସ୍ତ ହୋଇଯିବ । କିଛି ଦିନ ଗଲା ପରେ ବିବାହର ସମସ୍ତ ଖର୍ଚ୍ଚ ରହିମ ବହନ କଲେ । ବିବାହର କିଛି ଦିନ ପରେ ତୁଳସୀ ଦାସ ବ୍ରାହ୍ମଣଙ୍କୁ ପଚାରିଲେ ସବୁ କାର୍ଯ୍ୟ ଠିକରେ ହେଲା କି ନାହିଁ ? ଅତ୍ୟନ୍ତ ଖୁସିର ସହ ବ୍ରାହ୍ମଣ କହିଲା- ସେ ଖୁବ୍ ସାହାଯ୍ୟ କଲେ, କିନ୍ତୁ ନିଜ ବିଷୟରେ କିଛି ବି କହିଲେ ନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେତେବେଳେ ସେ ଧନ ଦେବା ପାଇଁ ହାତ ଉପରକୁ ବଢ଼ାଉଥିଲେ, ସେ ନିଜର ମସ୍ତକକୁ ତଳକୁ କରିଦେଉ ଥିଲେ । ଯେଉଁମାନେ ଦାନ ଦିଅନ୍ତି ଛାତି ଫୁଲେଇ ତଥା ନିଜ ଆତ୍ମପ୍ରଚାର ପାଇଁ କେତେ କ'ଣ କରନ୍ତି । କିନ୍ତୁ ରହିମ ସେଭଳି କିଛି ବି କଲେନାହିଁ । ତୁଳସୀ ଦାସ ଏହା ଶୁଣି ପୁଣି ଏକ ଚିଠିରେ ଲେଖିଲେ– ଆପଣ ଏଭଳି ଦାନ କେଉଁଠାରୁ ଶିଖିଲେ ? ରହିମ ଚିଠିର ଉତ୍ତରରେ ଲେଖିଲେ– ଦେନ୍ ହାର୍ କୋଇ ଓର୍ ହେ, ଭେଜତ୍ ଜା ଦିନ ରେନ । ଲାଗ ଭରମ୍ ମୁଝ୍ ପର୍ କରେ, ଯାତେ ନିଚେ ନେନ୍ । ଅର୍ଥାତ୍ ଦେବାବାଲା ଦାତା ହେଉଛନ୍ତି ସ୍ୱୟଂ ଭଗବାନ । କିନ୍ତୁ ଲୋକମାନେ ଭ୍ରମରେ ଭାବୁଛନ୍ତି ମୁଁ ଦାନ ଦେଉଛି, ଯାହା ଠିକ୍ ନୁହେଁ । ଏଭଳି କଥା ଶୁଣି ମୋତେ ଭାରି ଗ୍ଳାନି ଲାଗେ । ତେଣୁ ମୁଁ ଦାନ ଦେବା ସମୟରେ ମୋ ମସ୍ତକକୁ ତଳକୁ କରିଦିଏ । ତୁଳସୀ ଦାସ ଏହା ପଢ଼ି ଖୁସିରେ ଗଦ୍‌ଗଦ୍ ହୋଇ ରହିମଙ୍କ ପ୍ରତି ଶ୍ରଦ୍ଧା ସୁମନ ଜ୍ଞାପନ କଲେ ।

# ନବରାତ୍ରୀ

ନବରାତ୍ରର କଥା: ମା' ଦୁର୍ଗାଙ୍କ ଦ୍ୱାରା ମହିଷାସୁର ବଧ କାହାଣୀକୁ ନେଇ ନବରାତ୍ରର ସୃଷ୍ଟି । ମଇଁଷି ମୁଣ୍ଡଧାରୀ ଦାନବ ମହିଷାସୁରର ଆତଙ୍କରେ ଥରହର ଥିଲା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ । ବିଶ୍ୱର କଲ୍ୟାଣ ନିମନ୍ତେ ତ୍ରିଦେବଙ୍କ ଧାନରୁ ସୃଷ୍ଟି ହୋଇଥିଲେ ଦୀପ୍ତିମୟୀ ମା' ଦୁର୍ଗା । ମା' ଦୁର୍ଗାଙ୍କୁ ଦେଖିବା ପରେ ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ମହିଷାସୁର ଦେବୀଙ୍କ ନିକଟରେ ବିବାହର ପ୍ରସ୍ତାବ ରଖୁଥିଲେ । ଏହି ପ୍ରସ୍ତାବରେ ସମ୍ମତି ଜଣାଇବା ପୂର୍ବରୁ ମା' ଦୁର୍ଗା ମହିଷାସୁର ଆଗରେ ଏକ ଚୁକ୍ତି ରଖିଲେ - ଯଦି ଯୁଦ୍ଧରେ ତମେ ମୋତେ ପରାସ୍ତ କରିବ ତାହାହେଲେ ମୁଁ ତୁମକୁ ବିବାହ କରିବି । ଏହାପରେ ଦୁଇ ଜଣଙ୍କ ମଧରେ ନଅ ଦିନ ଧରି ଚାଲିଥିଲା ଭୟଙ୍କର ବିଧ୍ୱଂସକାରୀ ଯୁଦ୍ଧ । ଶେଷରେ ଦୁର୍ଗା ଚଣ୍ଡିକା ରୂପ ଧାରଣ କରି ମହିଷାସୁରକୁ ବଧ କରିଥିଲେ । ଦୀର୍ଘ ନଅ ଦିନର ଭୟଙ୍କର ଯୁଦ୍ଧ ପରେ ହୋଇଥିଲା ଅସତ୍ୟ ଉପରେ ସତ୍ୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ । ମାର୍କଣ୍ଡେୟ ପୁରାଣ, ବାମନ ପୁରାଣ, ବରାହ ପୁରାଣ, ଶିବ ପୁରାଣ, ସ୍କନ୍ଦ, ପୁରାଣ, ଦେବୀ ଭାଗବତମ୍ ଏବଂ କଳିକା ପୁରାଣ ଭଳି ବିଭିନ୍ନ ଶାସ୍ତ୍ରରେ ଏ ବିଷୟରେ ଉଲ୍ଲେଖ କରାଯାଇଛି । ବିଜୟର ଏହି ଦିନକୁ ବିଜୟା ଦଶମୀ ଭାବେ ଅତ୍ୟନ୍ତ ଉତ୍ସାହ ସହକାରେ ପାଳନ କରାଯାଏ ।



ନବରାତ୍ରର ମହତ୍ତ୍ୱ : ନବରାତ୍ରରେ ଦେବୀଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି । ଏହି ପର୍ବକୁ ଶକ୍ତି ଏବଂ ସାଧନାର ପର୍ବ ବୋଲି କୁହାଯାଏ । ସାଧାରଣତଃ ବର୍ଷକ ଭିତରେ ନବରାତ୍ର ଚାରିଥର ପଡେ । ଯେପରି– ବସନ୍ତ ନବରାତ୍ର, ଆଷାଢ଼ ନବରାତ୍ର, ଶାରଦା ନବରାତ୍ର, ପୌଷ/ମାଘ ନବରାତ୍ର । ସେଥିମଧ୍ୟରୁ ଶାରଦା ଏବଂ ବସନ୍ତ ନବରାତ୍ର ଲୋକେ ବେଶ୍ ଧୁମଧାମରେ ପାଳନ କରିଥାନ୍ତି । ଶାରଦା ନବରାତ୍ର ସମୟରେ ଶୀତ ଋତୁର ଆଗମନ ହେଉଥିବା ବେଳେ ବସନ୍ତ ନବରାତ୍ରରେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ । ଏହି ପର୍ବର ଅନେକ ବୈଜ୍ଞାନିକ କାରଣ ରହିଛି । ଗ୍ରୀଷ୍ମ ଏବଂ ଶୀତ ଋତୁର ଆଗମନରେ ଜଳବାୟୁରେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳେ । ଯାହାର ପ୍ରଭାବ ସିଧାସଳଖ ଭାବେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ସୁଖ-ଶାନ୍ତି ଉପରେ ପଡ଼ିଥାଏ । ତେଣୁ ଉପବାସ ମାଧମରେ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ରିଦ୍ଧି-ସିଦ୍ଧି ପ୍ରାପ୍ତ କରିବା ହେଉଛି ଏହି ପର୍ବର ମୂଳ ଉଦ୍ଦେଶ୍ୟ ।

ନବରାତ୍ରିରେ ହୁଏ କନ୍ୟା ପୂଜା: ନଅ ଦିନରେ ଦେବୀ ମା'ଙ୍କ ନଅଟି ରୂପ (ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡ, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରୀ, ମହା ଗୌରୀ ଏବଂ ସିଦ୍ଧିଦାତ୍ରୀ) କୁ ପୂଜାର୍ଚ୍ଚନା କରାଯାଇଥାଏ । ନବରାତ୍ରର ପ୍ରଥମ ତିନି ଦିନ ଦୁର୍ଗାଙ୍କର ତିନି ରୂପ କୁମାରୀ, ପାର୍ବତୀ ଏବଂ କାଳୀ ପୂଜା ପାଆନ୍ତି । ତା'ପର ତିନି ଦିନ ଲଳିତା ପଞ୍ଚମୀ ନାମରେ ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଆନ୍ତି ଏବଂ ଶେଷ ତିନି ଦିନ କଳା ଏବଂ ବିଦ୍ୟାଦାତ୍ରୀ ମା' ସରସ୍ୱତୀ ପୂଜା ପାଇ ଥାଆନ୍ତି । ପ୍ରଥମେ ମା' ଦୁର୍ଗାଙ୍କୁ ଫୁଲ, ଘଣ୍ଟ,-ଦୀପ, ନୈବେଦ୍ୟ, ଝୁଣା ଆଦିରେ ଘର କିମ୍ବା ମନ୍ଦିରକୁ ନିମନ୍ତ୍ରଣ କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନା କରାଯାଇଥାଏ । ପୂଜାର ପ୍ରଥମ ଦିନରେ ମାଟିରେ ପ୍ରସ୍ତୁତ ହୋଇଥିବା ଏକ କଳସ ଭିତରେ ବାଲି ପୂରାଇ ସେଥିରେ ୭ ପ୍ରକାରର ଶସ୍ୟଜାତୀୟ ବୀଜ ରୋପଣ କରାଯାଇ ମା'ଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ରଖାଯାଏ । ନଅ ଦିନ ଭିତରେ, ବୀଜଟି ଯେତିକି ବଢ଼ିବ ଘରକୁ ସେତିକି ସୁଖ ସମୃଦ୍ଧି ପ୍ରାପ୍ତ ହେବ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

ବର୍ଷ ୨୬, ସଂଖ୍ୟା- ୩୯, ୨୫ ସେପ୍ଟେମ୍ବର - ୧ ଅକ୍ଟୋବର ୨୦୨୨

# ମଞ୍ଜୁରିରେ ସୀମିତ ରହିଯାଉଛି ଶିଳ୍ପାୟନ

ଓଡ଼ିଶାରେ ରାଜନୈତିକ ଅସ୍ଥିରତା ନାହିଁ । ଆଇନଶୃଙ୍ଖଳା ପରିସ୍ଥିତି ସାଧାରଣତଃ ଉପୁଜି ନ ଥାଏ । ରାଜ୍ୟର ଭୌଗୋଳିକ ସ୍ଥିତି ଯାହା ଏଠାରେ କାରଖାନା ପାଇଁ ଜମି, ଜଳ ଏବଂ କଞ୍ଚାମାଲର ଅଭାବ ନାହିଁ । କଞ୍ଚାମାଲ ବିଦେଶକୁ ରପ୍ତାନି କରିବା ପରେ ବି ରାଜ୍ୟରେ କାରଖାନା ସ୍ଥାପନ କରି ସେଥିରେ ମୂଲ୍ୟଯୋଗ କରାଗଲେ ଅଧିକ କର୍ମନିଯୁକ୍ତି ସୁଯୋଗ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ ମସିହାରେ କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ପୁଞ୍ଜିନିବେଶକୁ ଫୋକସ୍ କରିଛନ୍ତି । ନୂଆ ଶିଳ୍ପନୀତି ପ୍ରସ୍ତୁତ ହୋଇଛି । ବିସ୍ଥାପନ, ଥଇଥାନ ଏବଂ ପୁନର୍ବାସ ନୀତି ବି । କେବଳ ସେତିକି ନୁହେଁ, ଶିଳ୍ପାୟନକୁ ପ୍ରାଥମିକତା ଦେଇ ଓଡ଼ିଶା ସରକାର ଗତ କିଛିବର୍ଷ ହେଲା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ଆୟୋଜନ କରି ଆସୁଛନ୍ତି । କରୋନା ମହାମାରୀ ପରେ ତୃତୀୟ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ଆସନ୍ତା ନଭେମ୍ବର ୩୦ରୁ ଆରମ୍ଭ ହେବ । ଏଥିପାଇଁ ନିଜେ ନବୀନ ଓ ଅଧିକାରୀ ଦେଶ ବିଦେଶର ନିବେଶକଙ୍କୁ ଓଡ଼ିଶା ଡାକୁଛନ୍ତି । ହେଲେ ଗତ ୨୦ବର୍ଷ ମଧରେ ଓଡ଼ିଶାର ପୁଞ୍ଜିନିବେଶ ତାଲିକା ଦେଖିବା ପରେ ଯେଉଁ ସାଧାରଣ କଥାଟିଏ ସାମ୍ନାକୁ ଆସୁଛି, ତାହା ହେଲା- ଶିଳ୍ପାୟନ କ୍ଷେତ୍ରରେ ସରକାରଙ୍କୁ ବେଶି ପ୍ରତିଶ୍ରୁତି ମିଳିଛି ; ନିବେଶ କମ୍ ହୋଇଛି ।

ଏଥିପାଇଁ ଯେ ରାଜ୍ୟ ସରକାର ଯେଉଁ କଥା କହି ଶିଳ୍ପସଂସ୍ଥାକୁ ଡାକୁଛନ୍ତି, ତାଙ୍କୁ ପ୍ରଶାସନ ସେସବୁ ଯୋଗାଇ ଦେବାରେ ପ୍ରାୟ ଅସମର୍ଥ । ଆହୁରି ସରଳ ଭାବେ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଶିଳ୍ପାୟନ ସ୍ୱପ୍ନକୁ ସାକାର କରିବା ଲାଗି ମୁଖ୍ୟ ସଚିବଙ୍କ ପ୍ରଶାସନିକ ଟିମ୍ ସମର୍ଥ ହୋଇପାରି ନାହିଁ । ରାଜ୍ୟ ସରକାର ପୂର୍ବ ଦୁଇଟି ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ୬ଲକ୍ଷ ୨୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶର ପ୍ରତିଶ୍ରୁତି ପାଇଛନ୍ତି । ଅଥଚ ବିଧାନସଭାରେ ସରକାର ତଥ୍ୟ ରଖିଛନ୍ତି ଯେ ଏଯାଏ ରାଜ୍ୟରେ ମୋଟ ୫,୬୭୪ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି ।


ଓଡ଼ିଶାର ବିଭିନ୍ନ ସହରର ଶିଳ୍ପାଞ୍ଚଳ ବୟାନ କରୁଛି ଯେ ରାଜ୍ୟରେ ଶିଳ୍ପାୟନର ସ୍ଥିତି କେତେ ସୁଦୃଢ଼ ଏବଂ ସରକାର କେତେ ପ୍ରାଥମିକତା ଦେଉଛନ୍ତି । ଆଉ ଯଦି ବଡ଼ ଶିଳ୍ପାନୁଷ୍ଠାନ କଥା କହିବା ତେବେ ଭାତ ହାଣ୍ଡିରୁ ଗୋଟିଏ ଦୁଇଟି ଚିପିବା ଭଳି ପୋସ୍କୋ, ମିତ୍ତଲକୁ ଉଦାହରଣ ଭାବେ ନିଆଯାଇ ପାରେ । ଛୋଟ ଛୋଟ କଂପାନିର ତାଲିକା ତ ଏ କ୍ଷେତ୍ରରେ ବେଶ୍ ଲମ୍ବା । ଶିଳ୍ପପତିମାନଙ୍କର କହିବା କଥା, ଗୋଟିଏ ସମୟରେ ବିଶ୍ୱର ଅନ୍ୟତମ ବୃହତ୍ କମ୍ପାନି ମିତ୍ତଲ ଷ୍ଟିଲ ଏବଂ ପୋସ୍କୋ ଓଡ଼ିଶାରେ ଦୁଇଟି ବୃହତ୍ ଇସ୍ପାତ କାରଖାନା ସ୍ଥାପନ ପାଇଁ ଆଗେଇ ଆସିଥିଲେ । ପାରାଦୀପ ନିକଟରେ ପ୍ରାୟ ୫୨ ହଜାର କୋଟି ଟଙ୍କା ବିନିଯୋଗରେ ୧୨ ନିୟୁତ ଟନ ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ ପାଇଁ ପୋସ୍କୋ ଦୀର୍ଘବର୍ଷ ଧରି ସଂଘର୍ଷ କରିବା ପରେ ବି ସଫଳ ହୋଇ ପାରିଲା ନାହିଁ । ଶେଷରେ କମ୍ପାନି ଓଡ଼ିଶା ପ୍ରକଳ୍ପରୁ ଓହରିଗଲା । ଆର୍ସେଲର ମିତ୍ତଲ ଷ୍ଟିଲ କମ୍ପାନି କେନ୍ଦୁଝର ଜିଲ୍ଲାର ପାଟଣାଠାରେ କାରଖାନା ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା । କିନ୍ତୁ ସେହି ପ୍ରକଳ୍ପ ନ ଆଗେଇବା ଦ୍ୱାରା କେନ୍ଦୁଝରବାସୀଙ୍କ ମେଗା ଇସ୍ପାତ କାରଖାନା ଦେଖିବା ସ୍ୱପ୍ନ ସାକାର ହୋଇପାରିଲା ନାହିଁ । ଏହାର ଦୀର୍ଘବର୍ଷ ପରେ ସେହି ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଗା ଇସ୍ପାତ କାରଖାନା ସ୍ଥାପନ ପାଇଁ ପୁଣିଥରେ ରାଜ୍ୟ ସରକାରଙ୍କ ସହିତ ଗତବର୍ଷ ବୁଝାମଣାପତ୍ର ସ୍ୱାକ୍ଷର କରିଛି । କିନ୍ତୁ ଏମଓୟୁକୁ ଇତିମଧ୍ୟରେ ୧୮ ମାସ ବିତି ଯାଇଥିଲେ ମଧ ଉକ୍ତ ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ । ପୁରୀରେ ବିଶ୍ୱସ୍ତରୀୟ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିବାଦରେ ଫସି ଫାଇଲ ଭିତରେ ତାର ଭାଗ୍ୟକୁ ରୁନ୍ଧି ଦେଲା ।

ଏଥିରୁ ବୁଝାପଡୁଛି ଯେ ନିବେଶକ ମାନଙ୍କୁ ଓଡ଼ିଶାକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଯେତିକି ତତ୍ପରତା ଦେଖାଉଛନ୍ତି ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ସେତିକି ଆଗ୍ରହ ଦେଖାଉନାହିଁ । ମୁଖ୍ୟମନ୍ତ୍ରୀ ଶିଳ୍ପପତିଙ୍କୁ ଡାକି ଯେଉଁ ପ୍ରତିଶ୍ରୁତି ଦେଉଛନ୍ତି ତାହା କାର୍ଯ୍ୟକାରୀ ନହେବା ଦ୍ୱାରା ଓଡ଼ିଶାର ଛବି କେବଳ ଶିଳ୍ପପତିଙ୍କ ନିକଟରେ ମଳିନ ହେଉଛି ତା ନୁହେଁ, ସରକାରଙ୍କ ପ୍ରତିଶ୍ରୁତି ମଧ ଧୂଆଁବାଣରେ ପରିଣତ ହେଉଛି । ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ଏ ଦିଗରେ ଆଉ ଗୋଟିଏ ମୌଳିକ ପ୍ରଶ୍ନ ଉଠାଇଛନ୍ତି । ଏମାନଙ୍କର ଯୁକ୍ତି ହେଉଛି ଯେ ଯେଉଁ ଭୋଟରମାନେ ସରକାରକୁ ଏତେ ବଡ଼ ସଂଖ୍ୟାରେ ମତ ଦେଇ ନିର୍ବାଚିତ କରୁଛନ୍ତି, ସେହି ମତଦାତା ସରକାରଙ୍କ ଶିଳ୍ପାୟନକୁ ବିରୋଧ କରୁଛନ୍ତି କେମିତି ? ସରକାରଙ୍କ ନିଷ୍ପତ୍ତି ସହିତ ସେମାନେ ରହୁ ନାହାନ୍ତି କାହିଁକି ? ଏହା ଉପରେ ଅଧିକ ଆଲୋଚନା ଓ ବିତର୍କ ଆବଶ୍ୟକ ପଡ଼ିଲାଣି ।

ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ କହିବା କଥା ହେଉଛି ଯେ ସରକାର ୨୦୧୬ ମସିହାରୁ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ କରି ଆସୁଛନ୍ତି । ପ୍ରଥମ ସଂସ୍କରଣରେ ରାଜ୍ୟକୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଏବଂ ୨୦୧୮ରେ ହୋଇଥିବା ଦ୍ୱିତୀୟ ସମ୍ମିଳନୀରେ ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା । କିନ୍ତୁ ଏଥିରୁ କେତେ ନିବେଶ ବାସ୍ତବରେ ହୋଇଛି ତାହା କାହାକୁ ଅଛପା ନାହିଁ ।

ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବ । ଇତିମଧରେ ଦୁବାଇ, ମୁମ୍ବାଇ ଠାରୁ ଆରମ୍ଭ କରି ଅନେକ ସହରରେ ସରକାର ରୋଡ୍ ସୋ' କରିଛନ୍ତି । ଅଧିକାଂଶ ନିବେଶକ ସମ୍ମିଳନୀକୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଇ ନିବେଶକମାନଙ୍କୁ ଓଡ଼ିଶା ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି । ଆଗାମୀ ଦିନରେ ଚେନ୍ନାଇ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ ଏଭଳି ରୋଡ଼ ସୋ ଆୟୋଜନ ଯୋଜନା ରହିଛି । ଏଣୁ ଯେଉଁ ଶିଳ୍ପପତି ଓଡ଼ିଶା ଆସିବା ଲାଗି ଚାହୁଁଛନ୍ତି, ସେମାନେ କିଭଳି ବିନା ବାଧାରେ ଶିଳ୍ପ ସ୍ଥାପନ କରିପାରିବେ, ସେକଥା ସରକାର ନିଶ୍ଚିତ କରିବା ଦରକାର । ପୂର୍ବ ଅଭିଜ୍ଞତାରୁ ଶିଖି ମୁଖ୍ୟମନ୍ତ୍ରୀ ପ୍ରଥମେ ମୁଖ୍ୟ ସଚିବ ଓ ତାଙ୍କ ଟିମ୍‌କୁ ଏଥିପାଇଁ ପ୍ରସ୍ତୁତ କରିବା ଦରକାର । ଅନ୍ୟଥା ଏସବୁ ପୁଞ୍ଜି ଆସିବା ଚର୍ଚ୍ଚା ବା ଭୋଟ ରାଜନୀତି ପାଇଁ ଭଲ ଶୁଭୁଛି, ବାସ୍ତବତା କିନ୍ତୁ ଅନ୍ୟ କିଛି କହୁଛି ।

ଉଲ୍ଲେଖଥାଉକି, ରାଜ୍ୟର ପାରମ୍ପରିକ ପ୍ରମୁଖ କ୍ଷେତ୍ର ଖଣି ଓ ଧାତବ ବ୍ୟତୀତ ରାଜ୍ୟ ସରକାର ରସାୟନ ଓ ପେଟ୍ରୋକେମିକାଲ୍ସ, ବୟନ ଓ ପୋଷାକ, ଆଇଟି ଓ ତତ୍ ସଂକ୍ରାନ୍ତୀୟ କ୍ଷେତ୍ର ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ସରକାର ନିବେଶକମାନଙ୍କୁ ଆହ୍ୱାନ ଦେଉଛନ୍ତି । ଏହା ବ୍ୟତୀତ ଗ୍ରିନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିଆ, ଡାଟା ସେଣ୍ଟର, ଇଭି ଓ ଇଭି ଉପକରଣ ତିଆରି କରିବା ଲାଗି ମଧ କଂପାନିଗୁଡ଼ିକୁ ଓଡ଼ିଶା ଆସିବା ପାଇଁ କୁହାଯାଉଛି । ହେଲେ ତଥ୍ୟ କହୁଛି, ପ୍ରଥମ ଦୁଇ ସଂସ୍କରଣରେ ଆସିଥିବା ନିବେଶ ପ୍ରସ୍ତାବ ଗୁଡ଼ିକ ମଧରୁ ୧୬୪ଟି ପ୍ରସ୍ତାବକୁ ରାଜ୍ୟ ସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥାରେ ମଞ୍ଜୁରି ପ୍ରଦାନ କରାଯାଇଥିଲେ ମଧ ଏଥିରୁ ସିଂହଭାଗ ଏଯାଏ କାଗଜପତ୍ରରେ ରହିଛି । ଏଇଥିପାଇଁ ଯେ ନିବେଶ ପାଇଁ ଆଗେଇ ଆସୁଥିବା ନିବେଶକମାନଙ୍କୁ ସବୁ ସୁବିଧା ଠିକ୍ ସମୟରେ ଯୋଗାଇ ଦିଆଯାଇ ପାରୁନାହିଁ । ସେମାନଙ୍କୁ କାଗଜ, କଲମ ଏବଂ କମ୍ପ୍ୟୁଟରରେ ଯେଉଁ ଗୋଲାପି ଚିତ୍ର ଦେଖାଯାଉଛି ଭୂମିକୁ ଗଲାବେଳକୁ ସେମାନେ ତାହା ଦେଖିବାକୁ ପାଉନାହାନ୍ତି ।



# ନିରସ୍ତ୍ରୀକରଣ

## ମହାତ୍ମା ଗାନ୍ଧୀ

ମୁଁ ନିଶ୍ଚିତ ଭାବରେ କହିବି ଯେ, ଅହିଂସାର ନୀତିକୁ ରାଷ୍ଟ୍ର ରାଷ୍ଟ୍ର ମଧରେ ଥିବା ସମ୍ପର୍କ କ୍ଷେତ୍ରରେ ମଧ ଲାଗୁ କରାଯାଇ ପାରିବ । ଗତ ମହାଯୁଦ୍ଧକୁ ସନ୍ଦର୍ଭରୂପେ ବ୍ୟବହାର କଲେ ମୁଁ ଯେ ଅତ୍ୟନ୍ତ ସ୍ପର୍ଶକାତର ବିଷୟଗୁଡ଼ିକୁ ସ୍ପର୍ଶ କରିବି, ମୋତେ ସେକଥା ଜଣା ଅଛି । ମାତ୍ର, ସ୍ଥିତିଟିକୁ ସ୍ପଷ୍ଟ କରିଦେବା ସକାଶେ ମୋତେ ତାହା ଅବଶ୍ୟ କରିବାକୁ ପଡ଼ିବ । ମୋ'ବୁଝିବାରେ, ଉଭୟ ପକ୍ଷର କ୍ଷେତ୍ରରେ ଏହା ଆତ୍ମବୃଦ୍ଧି ଆକାଂକ୍ଷାର ହିଁ ଏକ ଯୁଦ୍ଧ ଥିଲା । ଦୁର୍ବଳତାର ଜାତିମାନଙ୍କୁ ଶୋଷଣ କରି ଲବ୍ଧ ହେଉଥିବା ଧନକୁ ନିଜ ଭିତରେ ବାଣ୍ଟି ନେବା ପାଇଁ ସେହି ଯୁଦ୍ଧ ହୋଇଥିଲା । ଏହି କର୍ମଟିକୁ ନିରାପଦ ଶବ୍ଦ ଦେଇ ବିଶ୍ୱବାଣିଜ୍ୟ ବୋଲି କୁହାଯାଇଥାଏ । ଆମେ ଦେଖିବାକୁ ପାଇବା ଯେ , ଇଉରୋପରେ କୌଣସି ସାଧାରଣ ନିରସ୍ତ୍ରୀକରଣ ଆରମ୍ଭ ହେବା ପୂର୍ବରୁ ଇଉରୋପକୁ ଯଦି ଆତ୍ମହତ୍ୟା କରିବାକୁ ନ ଥାଏ, ତେବେ ତାହା ଦିନେ ନା ଦିନେ ନିଶ୍ଚୟ ହେବ–କୌଣସି ଏକ ଜାତିକୁ ବୃହତ ନାନା ଅନିଶ୍ଚିତତାକୁ ଆଦରି ନେଇ ପ୍ରଥମେ ଆପଣାର ଅସ୍ତ୍ରଗୁଡ଼ିକରୁ ମୁକ୍ତ ହେବାର ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ । ଯଦି ଭାଗ୍ୟବଶତଃ ପ୍ରକୃତରେ ସେପରି କିଛି ହୋଇଥବ, ସେହି ଜାତିର ଜୀବନରେ ଅହିଂସାର ସ୍ତରଟି ସ୍ୱଭାବଶତଃ ଏପରି ଗୋଟିଏ ଉଚ୍ଚତାରେ ପହଞ୍ଚିଥିବ, ଯାହାଦ୍ୱାରା କି ପୃଥିବୀ ତାହାକୁ ସମ୍ମାନର ଚକ୍ଷୁରେ ଦେଖୁଥିବ । ସେହି ଦେଶର ନିଷ୍ପତ୍ତିରେ କୌଣସି ଭୁଲ୍ ରହିବ ନାହିଁ, ତାର ନିର୍ଦ୍ଧାରଣଗୁଡ଼ିକ ଦୃଢ଼ ହୋଇଥିବ, ବୀର ପରି ଆପଣାକୁ ବଳି ଦେବା ପାଇଁ ତାହାର ବହୁତ ଶକ୍ତି ରହିବ ଏବଂ ସେହି ଜାତି ନିଜ ପାଇଁ ଯେପରି ବଞ୍ଚିବାକୁ ଇଚ୍ଛା କରୁଛି, ସେହିପରି ଅନ୍ୟ ଜାତିମାନଙ୍କ ପାଇଁ ମଧ ବଞ୍ଚିବାକୁ ଇଚ୍ଛା କରୁଥିବ ।

ଅଫିମ ପରି ତରବାରିର ଉତ୍ପାଦନ କ୍ଷେତ୍ରରେ ମଧ ପୃଥିବୀରେ ଏକ ସୀମା ଧାର୍ଯ୍ୟ କରି ଦିଆଯିବା ଉଚିତ । ସମ୍ଭବତଃ ଅଫିମ ତୁଳନାରେ ତରବାରି ହିଁ ପୃଥିବୀରେ ଅଧିକ ଦୁଃଖ ଭିଆଇଥିବା ପାଇଁ ଦାୟୀ ହେବ ।

ନିରସ୍ତ୍ରୀକରଣ ପ୍ରଧାନତଃ ବୃହତ୍ ଶକ୍ତିମାନଙ୍କ ଉପରେ ନିର୍ଭର କରୁଥିବାରୁ ସାନ ଓ ନିରପେକ୍ଷ ଦେଶ ସୁଇଜରଲାଣ୍ଡକୁ କାହିଁକି ଆପଣାକୁ ନିରସ୍ତ୍ର କରିବା ନିମନ୍ତେ କୁହାଯିବ ? (ସେହି ଦେଶର ଜଣେ ନାଗରିକଙ୍କର ପ୍ରଶ୍ନ)

ଆପଣଙ୍କ ଦେଶର ନିରପେକ୍ଷ ଭୂମି ଉପରେ ଛିଡ଼ା ହୋଇ ହିଁ ମୁଁ କେବଳ ସୁଇଜରଲାଣ୍ଡକୁ ନୁହେଁ, ସକଳ ଅନ୍ୟ ଶକ୍ତିମାନଙ୍କୁ ମଧ ଉଦ୍ଦେଶ୍ୟ କରି କହୁଛି । ଆପଣ ଯଦି ଏହି ସନ୍ଦେଶଟିକୁ ଇଉରୋପର ଅନ୍ୟ ଭାଗଗୁଡ଼ିକୁ ମଧ ବହନ କରି ନ ନେବେ, ତେବେ ମୁଁ ମଧ ସକଳ ଅପରାଧରୁ ମୁକ୍ତ ହୋଇ ରହିପାରିବି । ସୁଇଜରଲାଣ୍ଡ୍ ହେଉଛି ଗୋଟିଏ ନିରପେକ୍ଷ ଦେଶ, ଏହି ଦେଶ ଆଉ କାହା ଉପରେ କଦାପି ଆକ୍ରମଣ କରିବ ନାହିଁ; ତେଣୁ, ସେହି ଦେଶ କାହିଁକି ଯେ ଏକ ସୈନ୍ୟବାହିନୀର ଆବଶ୍ୟକତା ଅନୁଭବ କରିବ ନାହିଁ, ଏଥିଲାଗି ତା' ପାଖରେ ଅଧିକ କାରଣ ହିଁ ରହିଛି । ଦ୍ୱିତୀୟତଃ, ଆପଣମାନେ ଅତିଥି ପରାୟଣ ହୋଇଥିବାରୁ ଓ ଏକ ଅନୁକୂଳ ପରିସ୍ଥିତିରେ ରହିଥିବାରୁ ଆପଣମାନଙ୍କ ଦେଶକୁ ଅନ୍ୟ ଦେଶର ନାଗରିକମାନେ ଆସୁଛନ୍ତି । ତେଣୁ, ପୃଥିବୀକୁ ନିରସ୍ତ୍ରୀକରଣ ବିଷୟରେ ଏକ ଶିକ୍ଷା ଦେଇ ପାରିବା ପାଇଁ ଏବଂ ଗୋଟିଏ ସୈନ୍ୟବାହିନୀ ନ ରଖିବାର ଯଥେଷ୍ଟ ସାହସ ଆପଣମାନଙ୍କର ରହିଛି ବୋଲି ଦେଖାଇ ଦେବା ପାଇଁ ଆପଣମାନଙ୍କର ହିଁ ସମ୍ଭାବନା ରହିଥିବା ଉଚିତ ।

''ଆଦୌ କୌଣସି ଅସ୍ତ୍ର ରଖୁ ନ ଥିବା ଏକ ନିରପେକ୍ଷ ଦେଶ ଅନ୍ୟ ଦେଶଗୁଡ଼ିକୁ ନଷ୍ଟ ହୋଇଯିବାକୁ ବାଟ ଛାଡ଼ିଦେବ କି ? ଯଦି ଗତ ଯୁଦ୍ଧ ସମୟରେ ଆମର ସୈନ୍ୟବାହିନୀ ଆମ ସୀମାରେ ପ୍ରସ୍ତୁତ ହୋଇ ରହି ନଥାନ୍ତା, ତେବେ ଆମର କୌଣସି ଅସ୍ତିତ୍ୱ ହିଁ ରହି ନଥାନ୍ତା ।

ମୋ' କଥାକୁ ଶୁଣି କିଏ ହୁଏତ ମୋତେ କେବଳ ଜଣେ ସ୍ୱପ୍ନଦର୍ଶୀ କିମ୍ବା ଏକ ନିର୍ବୋଧ ବ୍ୟକ୍ତି ବୋଲି କହିବ, ତଥାପି, ମୋତେ ଯେଉଁ ଗୋଟିଏ ପ୍ରଣାଳୀ ଜଣାଅଛି, ମୁଁ ସେହି ପ୍ରଣାଳୀରେ ହିଁ ପ୍ରଶ୍ନଟିର ଉତ୍ତର ଦେବି । ଏକ ପ୍ରତିବେଶୀ ଦେଶକୁ ଧ୍ୱଂସ କରିଦେବା ଲାଗି ନିଜର ସୈନ୍ୟବାହିନୀକୁ ଅନୁମତି ଦେବାଟା ଗୋଟିଏ ନିରପେକ୍ଷ ଦେଶ ପକ୍ଷରେ ଏକ ଭୀରୁତାର କାର୍ଯ୍ୟ ହେବ । ମାତ୍ର, ଯୁଦ୍ଧର ସୈନ୍ୟ ଏବଂ ଅହିଂସାର ସୈନ୍ୟମାନଙ୍କ ମଧରେ ଦୁଇଟି ସମାନ ରୀତି ରହିଛି ଏବଂ ଯଦି ମୁଁ ସୁଇଜରଲାଣ୍ଡର ନାଗରିକ ହୋଇଥାନ୍ତି, ତଥା ସେହି ସଂଘରାଷ୍ଟ୍ରର ରାଷ୍ଟ୍ରପତି ହୋଇଥାନ୍ତି, ତେବେ ମୁଁ ଯାହା କରିଥାନ୍ତି, ତାହା ହେଉଛି ସକଳ ପଣ୍ୟସାହାଯ୍ୟ ବନ୍ଦ କରିଦେଇ ମୁଁ ଆକ୍ରମଣକାରୀ ବାହିନୀକୁ ଦେଶ ଭିତରକୁ ଆସିବାଲାଗି ବାଟ ଛାଡ଼ି ନଥାନ୍ତି । ଦ୍ୱିତୀୟତଃ, ସୁଇଜରଲାଣ୍ଡରେ ଏକ ଥର୍ମୋପିଲେର ପୁନଃଅଭିନୟ କରି, ଆପଣମାନେ, ପୁରୁଷ, ନାରୀ ଓ ଶିଶୁ ସମସ୍ତେ, ଗୋଟିଏ ଜୀବନ୍ତ ପ୍ରାଚୀର ଛିଡ଼ା କରାଇ ଦେଇଥାନ୍ତେ ଓ କେବଳ ଆପଣମାନଙ୍କର ଶବ ଉପରେ ହିଁ ଗୋଡ଼ ପକାଇ ଦେଶରେ ପ୍ରବେଶ କରିବାକୁ ଆକ୍ରମଣକାରୀମାନଙ୍କୁ ଆହ୍ୱାନ ଦେଇଥାନ୍ତେ । ଆପଣ କହିବେ ଯେ, ଏଇଟି ମନୁଷ୍ୟର ଅନୁଭବସୀମା ଓ ସହନସୀମାର ବାହାରେ ଯାଇ ରହିଛି, ମୁଁ ସେଥିରେ ସମ୍ମତ ହୋଇ ପାରୁ ନାହିଁ । ଏହା ଅବଶ୍ୟ ସମ୍ଭବ ହୁଅନ୍ତା । ଗତ ବର୍ଷ ଗୁଜରାଟରେ ମହିଳାମାନେ ଅବିଚଳିତ ରହି ଲାଠିମାଡ଼ ସହ୍ୟ କରିଛନ୍ତି ଏବଂ ପେଶବାରଠାରେ ହଜାର ହଜାର ଲୋକ ପ୍ରବଳ ଗୁଳିବର୍ଷା ଆଗରେ ଛିଡ଼ାହୋଇ ରହିଲେ ଓ ତଥାପି ହିଂସାର ଆଶ୍ରୟ ନେଇ ନଥିଲେ । କଳ୍ପନା କରନ୍ତୁ ଯେ, ଏହି ପୁରୁଷ ଓ ନାରୀମାନେ ହିଁ ଆଉ ଗୋଟିଏ ଦେଶ ପାଇଁ ଅବାଧ ରାସ୍ତା ଦାବି କରୁଥିବା ଏକ ସେନାବାହିନୀ ସମ୍ମୁଖରେ ଛିଡ଼ା ହୋଇ ରହିଛନ୍ତି । ଅତି ନୃଶଂସ ହେଲେ ସୈନ୍ୟବାହିନୀ ସେମାନଙ୍କ ଉପର ଦେଇ ଚାଲିଆସିବ ବୋଲି ଆପଣ କହିପାରନ୍ତି । ତେବେ ମୁଁ କହିବି ଯେ, ନିଜକୁ ଧ୍ୱଂସ ହୋଇଯିବାକୁ ଛାଡ଼ିଦେଇ ଆପଣ ତଥାପି ଅପଣଙ୍କର କର୍ତ୍ତବ୍ୟ କରିଛନ୍ତି । ଯେଉଁ ସେନାବାହିନୀ ନିର୍ଦ୍ଦୋଷ ନରନାରୀଙ୍କର ମୃତଦେହକୁ ମାଡ଼ି ଚାଲିଯିବାର ସାହସ କରେ, ସିଏ ସେହି ପ୍ରୟୋଗଟିର କଦାପି ପୁନରାବୃତ୍ତି କରିପାରିବ ନାହିଁ । ସାଧାରଣ ନରନାରୀ ସାମୂହିକ ଭାବରେ ଏପରି ସାହସର ପରିଚୟ ଦେଇ ପାରିବେ ବୋଲି ବିଶ୍ୱାସ କରିବାକୁ ଆପଣ ହୁଏତ ରାଜି ହୋଇ ନ ପାରନ୍ତି । ମାତ୍ର, ତା'ହେଲେ ଆପଣଙ୍କୁ ସ୍ୱୀକାର କରିବାକୁ ହେବ ଯେ ଅହିଂସା ପ୍ରକୃତରେ ଏକ କଠିନତର ଉପାଦାନରେ ହିଁ ତିଆରି ହୋଇଛି । ଏହାକୁ କେବେହେଲେ ଦୁର୍ବଳମାନଙ୍କର ଏକ ଅସ୍ତ୍ରରୂପେ କଳ୍ପନା କରାଯାଇ ନଥିଲା । ମାତ୍ର ବଳିଷ୍ଠତମ ହୃଦୟ ଥିବା ବ୍ୟକ୍ତିମାନଙ୍କର ଅସ୍ତ୍ରରୂପେ କଳ୍ପନା କରାଯାଇଥିଲା ।।

# ସ୍ୱର୍ବେଦ

**ଅପନେ ସଚ୍ଚେ ଭକ୍ତ ଶିର, ପୂରଣ ଧନୀ ଓ୍ୱିରାଜ ।**
**ଋଦ୍ଧି ସିଦ୍ଧି ସେଓ୍ୱା ମିଲୈ, ଓ୍ୱିଶ୍ୱ ଅକଂଟକ ରାଜ ॥୧୧॥**

ଭାଷ୍ୟ - ନିଜର ଆତ୍ମସମର୍ପିତ ସଚ୍ଚୋଟ ଭକ୍ତର ମସ୍ତକ ଉପରେ ପୂର୍ଣ୍ଣଧନୀ ସତ୍‌ପୁରୁଷ ବିରାଜିତ ରହିଥାନ୍ତି । ସେହି ସଚ୍ଚୋଟ ଭକ୍ତମାନଙ୍କ ନିମନ୍ତେ ଋଦ୍ଧି ସିଦ୍ଧି ସେବାରେ ମିଳିଥାଏ, ଯେଉଁ କାରଣରୁ ପ୍ରଭୁଙ୍କର ଭକ୍ତ ସଂସାରରେ ନିର୍ବିଘ୍ନ ଭାବରେ ନିଜର ସ୍ୱରୂପରେ ପ୍ରକାଶମାନ ରହିଥାଏ ।

**ଭକ୍ତ ସଦା ପରସନ୍ନ ହୈ, ଦୁଖୀ କଭୀ ନହିଁ ହୋୟ ।**
**ଭକ୍ତ ଦୁଖୀ ସେ ହରି ଦୁଖୀ, ହରି ଦୁଖ ଜଗ ଦୁଖ ହୋୟ ॥୧୨॥**

ଭାଷ୍ୟ - ପ୍ରଭୁଙ୍କର ଭକ୍ତ ସର୍ବଦା ପ୍ରଭୁ ଭକ୍ତିରେ ଆନନ୍ଦିତ ରହିଥାନ୍ତି ଏବଂ ମାୟାରୁ ମୁକ୍ତ ହୋଇ କଦାପି ଦୁଃଖୀ ହୁଅନ୍ତି ନାହିଁ । ଭକ୍ତ ଆଉ ପ୍ରଭୁଙ୍କ ମଧ୍ୟରେ ସର୍ବଦା ଏକ ଅଦ୍ୱୈତ ସମ୍ବନ୍ଧ ରହିଥାଏ, ସେଥିପାଇଁ ଭକ୍ତର ପୀଡ଼ାକୁ ପ୍ରଭୁ ସହି ପାରନ୍ତି ନାହିଁ ଏବଂ ଭକ୍ତ ଦୁଃଖୀ ହେଲେ ହରି ଆଉ ଭକ୍ତର ଅଭିନ୍ନତା ହେତୁ ସଂସାରରେ ଦୁଃଖ ବଢ଼ିବାରେ ଲାଗେ । ଅତଏବ, କାୟୋମନବାକ୍ୟରେ ଭକ୍ତମାନଙ୍କର ସେବା ହେବା ଉଚିତ । ଭକ୍ତର ଭଗବାନ ଭକ୍ତମାନଙ୍କର ଯୋଗ କ୍ଷେମ ସ୍ୱୟଂ କରିଥାନ୍ତି । ଜଣେ ସଚ୍ଚୋଟ ଆତ୍ମ ସମର୍ପିତ ଅନନ୍ୟ ଶରଣ ଭକ୍ତର ମହିମା ଏହି ଦୋହାରେ ବତାଇ ଦିଆଯାଇଛି ।

**ଦେଓ୍ୱ ଓ୍ୱନ୍ଦନା କରତ ହୈଁ, ମୁଦ ମଙ୍ଗଲମୟ ସନ୍ତ ।**
**ଫିର ମାନଓ୍ୱ କୀ କ୍ୟା କଥା, ଭକ୍ତ ରୂପ ଭଗଓ୍ୱନ୍ତ ॥୧୩॥**


ଭାଷ୍ୟ - ଆନନ୍ଦ ସ୍ୱରୂପ ସନ୍ଥଙ୍କର ବନ୍ଦନା ସମସ୍ତ ଦେବତା କରିଥାନ୍ତି । ତେଣୁ ଆନନ୍ଦ କନ୍ଦ ପ୍ରଭୁଙ୍କର ସ୍ୱରୂପ ଭକ୍ତର ବନ୍ଦନା ସମସ୍ତ ମନୁଷ୍ୟ କରିବା ଉଚିତ । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

**ଅଜ୍ଞାନୀ ସୋଓ୍ୱେ ସଦା, ଜ୍ଞାନୀ ଭଜନ ଓ୍ୱିଚାର ।**
**ପ୍ରତିଭା ଅନ୍ତର ଶବ୍ଦ କୀ, କେଓ୍ୱଲ ଶବ୍ଦ ଅଧାର ॥୧୪॥**

ଭାଷ୍ୟ - ଅଜ୍ଞାନୀ ସର୍ବଦା ମୋହ ନିଶାରେ ଗ୍ରସ୍ତ ରହି ନିଜର ସମୟ ନଷ୍ଟ କରିଥାନ୍ତି । ଜ୍ଞାନୀ ଅନ୍ତର-ବିବେକ ହେବା କାରଣରୁ ଶବ୍ଦ ପ୍ରକାଶ ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ପ୍ରତି ଅନାସକ୍ତ ରହିଥାନ୍ତି । ଏକମାତ୍ର ଶବ୍ଦାଧାରରେ ନିମଗ୍ନ ହୋଇ, ନିଶିଦିନ ତହିଁରେ ନିମଗ୍ନ ରହିଥାନ୍ତି ।

**ମନ ପ୍ରବୋଧ ଲେ ଶିଷ୍ୟ ବନ, ତାହି ଶିଷ୍ୟ ତିନ ଲୋକ ।**
**ମନ ମନ୍ଦିର ପୂଜିତ ବନୈ, ଦୂର କରତ ଜଗ ଶୋକ ॥୧୫॥**

ଭାଷ୍ୟ - ଯିଏ ମନକୁ ବଶ କରି ତାକୁ ଆୟତ୍ତ କରି ପାରିଛି, ତ୍ରିଲୋକରେ ତାହାର ଅନୁଗାମୀ ଶିଷ୍ୟ ହୋଇ ଯାଆନ୍ତି ଆଉ ସେ ସଂସାରର ସମସ୍ତ ଦୁଃଖକୁ ଦୂର କରିଥାନ୍ତି ଏବଂ ମନ ମନ୍ଦିରରେ ତାଙ୍କର ପୂଜା




ହୋଇଥାଏ । ମନକୁ ବଶ କରି ପ୍ରବୁଦ୍ଧ ହେଉଥିବା ଶିଷ୍ୟ ହିଁ ସଂସାର ପଥର ପ୍ରଦର୍ଶକ ଆଉ ସଦ୍‌ଗୁରୁ ପଦର ଅଧିକାରୀ ହୋଇଥାନ୍ତି । ଅତଏବ ମନସ୍ୱୀ ହେବା ପାଇଁ ପ୍ରୟାସ କରି ସଦ୍‌ଗୁରୁ ଶରଣାଗତ ହୋଇ ଅଭୟପଦ ପ୍ରାପ୍ତ କରିବା ଉଚିତ ।

**ପଞ୍ଚକ୍ଷିତୀ ହୈ ୟୋଗ କୀ, ଏକ ଜନ୍ମ ନହିଁ ପାୟ ।**
**କୋଇ କୋଇ ଗୁରୁ କେ ଲାଲ ହୈଁ, ଅନ୍ତିମ କ୍ଷିତି ପର ଜାୟ ॥୧୬॥**

ଭାଷ୍ୟ - ଯୋଗର ପାଞ୍ଚ ଭୂମି ଅଛି । ସେହି ପାଞ୍ଚ ଭୂମିର ପ୍ରାପ୍ତି ଗୋଟିଏ ଜନ୍ମରେ ସମସ୍ତଙ୍କୁ ମିଳେ ନାହିଁ । କୌଣସି ଉତ୍ତମ କୋଟିର ଅଧିକାରୀ, ଗୁରୁଙ୍କର ପରମ ପ୍ରିୟ ଅନୁରାଗୀ ଶରଣାଗତ, ସେବାଜୀତ ଶିଷ୍ୟ ହିଁ ଗୋଟିଏ ଜନ୍ମରେ ଯୋଗର ଅନ୍ତିମ ଭୂମିକୁ ପ୍ରାପ୍ତ କରିଥାନ୍ତି ।

**ପ୍ରଥମ ଦ୍ୱିତୀୟ କୋଇ ତୃତୀୟ ମେଁ, କ୍ଷିତି ଚତୁର୍ଥ କୋଇ ପାୟ ।**
**ଧୀର ଓ୍ୱୀର ଗୁରୁ ହଁସ ଜୋ, ଅନ୍ତ ମହଲ ପର ଜାୟ ॥୧୭॥**

ଭାଷ୍ୟ - କୌଣସି ସାଧକ ପ୍ରଥମ, ଦ୍ୱିତୀୟ, କେହି ତୃତୀୟ ଭୂମି, ଆଉ କେହି ଚତୁର୍ଥ ଭୂମିକୁ ପ୍ରାପ୍ତ କରିଥାନ୍ତି । କିନ୍ତୁ ପରମ ପୁରୁଷାର୍ଥୀ ମହାନ୍ ଧୈର୍ଯ୍ୟବାନ୍ ସଦ୍‌ଗୁରୁଙ୍କର ଅନନ୍ୟ ଶରଣ ଦାସ ଅନ୍ତିମ ଭୂମିରେ ପହଞ୍ଚି ଯାଆନ୍ତି ।

**ତୀନ ଲୋକ କୀ ସମ୍ପଦା, ଏକ ଶ୍ୱାଁସ ସମ ନାହିଁ ।**
**ବାହର ସେ ଅନ୍ତର ରହୋ, ଶାନ୍ତି ମହା ପଥ ମାହିଁ ॥୧୮॥**

ଭାଷ୍ୟ - ଦିନ ଆଉ ରାତିକୁ ମିଶେଇ ୨୧,୬୦୦ (ଏକୋଇଶ ହଜାର ଛଅ ଶହ) ଶ୍ୱାସ ଚାଲିଥାଏ । ସେଥିରୁ କୌଣସି ଗୋଟିଏ ଶ୍ୱାସ ସମାନ ସମ୍ପତ୍ତି ତିନି ଲୋକରେ ନାହିଁ । ସେହି ଏକମାତ୍ର ଶ୍ୱାସର ମୂଲ୍ୟ ତିନିଲୋକରେ ମଧ୍ୟ ଉପଲବ୍ଧ ନୁହେଁ । ସେଥିପାଇଁ ବ୍ୟର୍ଥରେ ଶ୍ୱାସକୁ ନଷ୍ଟ ନ କରି ଯୋଗ ମାର୍ଗ ଦ୍ୱାରା ଅନ୍ତର୍ମୁଖୀ ହୋଇ ଶାନ୍ତି ମହାପଥରେ ଚାଲି ଅନ୍ତଃସ୍ଥିତ ହେବା ଉଚିତ ।

**ଅନ୍ତିମ କ୍ଷିତି ଉପଲବ୍ଧ ମେଁ, ଜିଓ୍ୱନ୍ମୁକ୍ତ ପଦ ହୋୟ ।**
**ତାମେ କୋଇ ଏକ ଆପ୍ତ ହୈ, ମତ ଦ୍ରଷ୍ଟା ଋଷି ସୋୟ ॥୧୯॥**

ଭାଷ୍ୟ - ଯୋଗର ଅନ୍ତିମ ଭୂମି ପ୍ରାପ୍ତ ହେବା ଦ୍ୱାରା ଯୋଗୀ ଜୀବନ୍ମୁକ୍ତ ପଦକୁ ପ୍ରାପ୍ତ କରିଥାଏ । ସେହି ଜୀବନ୍ମୁକ୍ତ ଯୋଗୀମାନଙ୍କ ମଧ୍ୟରୁ କେହି ଜଣେ ଆପ୍ତ ଯୋଗୀଶ୍ୱର ହୋଇଥାଏ, ଯାହା ଭିତରେ ଈଶ୍ୱରୀୟ ଜ୍ଞାନର ସ୍ରୋତ ପ୍ରବାହିତ ହୋଇଥାଏ ଏବଂ ଯାହାକୁ ବୈଦିକ ପରିଭାଷାରେ ମନ୍ତ୍ରଦ୍ରଷ୍ଟା ଋଷି କହିଥାନ୍ତି ।

**ସଦ୍‌ଗୁରୁ ପଦ କେ ୟୋଗ୍ୟ ହୈ, ଓ୍ୱହ ମହର୍ଷି ପରଧାନ ।**
**ବ୍ରହ୍ମ କେ ସୋତ ସମାଧି ସେ, ପୂର୍ଣ୍ଣ ଜ୍ଞାନ ଓ୍ୱିଜ୍ଞାନ ॥୨୦॥**

ଭାଷ୍ୟ - ସେହି ଆପ୍ତ ମହର୍ଷି ସଦ୍‌ଗୁରୁ ପଦର ଯୋଗ୍ୟ ଅଟନ୍ତି ଯାହାଙ୍କ ଅନ୍ତର ଭିତରେ ପରମ ପୁରୁଷଙ୍କର ସ୍ରୋତ ପ୍ରବାହିତ ହୋଇ ଜ୍ଞାନ ବିଜ୍ଞାନର ପୂର୍ଣ୍ଣତା ପ୍ରାପ୍ତି ହୋଇ ସାରିଛି ।

**ଅମିତ ଜ୍ଞାନ ମୟ ପୂର୍ଣ୍ଣ ହୈ, ଜ୍ଞାନ ରାସି ପରଂବ୍ରହ୍ମ ।**
**ଉତ୍ତର ଧାର ଓ୍ୱେ ଜାହି ମେଁ, ସଦ୍‌ଗୁରୁ ପଦ ଅନଭ୍ରମ ॥୨୧॥**

ଭାଷ୍ୟ - ଅନନ୍ତ ଜ୍ଞାନରେ ପରିପୂର୍ଣ୍ଣ, ଜ୍ଞାନର ରାଶି, ପୂର୍ଣ୍ଣ ପରଂବ୍ରହ୍ମ ଅଟନ୍ତି । ତାଙ୍କର ଧାର ଯେଉଁ ଆତ୍ମା ଭିତରେ ଉଦ୍‌ଗମ ହୁଏ ସେହି ମହାପୁରୁଷ ନିର୍ଭ୍ରାନ୍ତ ସଦ୍‌ଗୁରୁ ପଦକୁ ପ୍ରାପ୍ତ କରିଥାନ୍ତି ।

**ଉତରଜ୍ଞାନ ଜେହି ହଁସ ମେଁ, ମତଦ୍ରଷ୍ଟା ଋଷି ସୋୟ ।**
**ପରମ ଗୁରୁ ଓ୍ୱହ ଜାନିୟେ, ଅନ୍ୟ ଗୁରୁ ନହିଁ କୋୟ ॥୨୨॥**

ଭାଷ୍ୟ - ଯେଉଁ ଆତ୍ମାରେ ଈଶ୍ୱରୀୟ ଜ୍ଞାନ ଉଦ୍ରେକ ହୁଏ, ସେହି ଶ୍ରୁତ ଜ୍ଞାନ ପ୍ରବାହୀ ଋଷିଙ୍କୁ ସଦ୍‌ଗୁରୁ ବୋଲି ଜାଣନ୍ତୁ । ଏତଦ୍ ଭିନ୍ନ ଅନ୍ୟ ସଦ୍‌ଗୁରୁ କେହି ନାହାନ୍ତି । ଈଶ୍ୱରୀୟ ଧାର ପ୍ରବାହୀ ମହର୍ଷି ହିଁ ସଦ୍‌ଗୁରୁ ହୋଇଥାନ୍ତି, ଅନ୍ୟ କେହି ନୁହଁ ।

**ପ୍ରକୃତି ସମ୍ବନ୍ଧିତ ଜୀଓ୍ୱ କା, ଶୁଦ୍ଧ ଜୀଓ୍ୱ କା ଜ୍ଞାନ ।**
**ୟୁକ୍ତ ଜୀଓ୍ୱ ଅରୁ ବ୍ରହ୍ମ କା, ଶୁଦ୍ଧ ବ୍ରହ୍ମ କା ଜ୍ଞାନ ॥୨୩॥**

ଭାଷ୍ୟ - ଜ୍ଞାନର ଚାରି ଭେଦ ରହିଛି । ଯେତେବେଳେ ଆତ୍ମା ନିଜ ଶୁଦ୍ଧ ସ୍ୱରୂପରେ ରହେ, ସେତେବେଳେ ତାକୁ ଶୁଦ୍ଧ ଜ୍ଞାନ ପ୍ରାପ୍ତ ହୋଇଥାଏ । ଶୁଦ୍ଧ ବ୍ରହ୍ମର ଜ୍ଞାନ, ଜୀବ ବ୍ରହ୍ମ ମିଶ୍ରିତ ଜ୍ଞାନ, ଶୁଦ୍ଧ ଜୀବର ଜ୍ଞାନ ଆଉ ଜୀବ ପ୍ରକୃତି ଯୁକ୍ତ ଜ୍ଞାନ, ଏଗୁଡ଼ିକ ଜ୍ଞାନ ଉଦ୍ରେକ ହେବାର ଚାରୋଟି ଉତ୍ତମ ଭେଦ ଅଟନ୍ତି । ଏହି ଚାରୋଟି କୋଟିରେ ଜ୍ଞାନ ପ୍ରକଟ ହୋଇଥାଏ ।

**ଚାର ଭେଦ ହୈଁ ଜ୍ଞାନ କେ, ଭୂମି ଭେଦ ସେ ଜ୍ଞାନ ।**
**ମନ୍ତ୍ରଦ୍ରଷ୍ଟୁ ଋଷି ଜାନହିଁ, ୟହ ରହସ୍ୟ ଓ୍ୱିଜ୍ଞାନ ॥୨୪॥**

ଭାଷ୍ୟ - ଭୂମିମାନଙ୍କର ଅନ୍ତରଭେଦରେ ଜ୍ଞାନରେ ଚାରି ପ୍ରକାରର ପ୍ରଭେଦ ରହିଛି । ଏହି ଚାରି ପ୍ରକାର ପ୍ରଭେଦରୁ ଜ୍ଞାନ ପ୍ରକଟ ହୋଇଥାଏ । ଏହି ମର୍ମରେ ବିଜ୍ଞାନକୁ ମନ୍ତ୍ରଦ୍ରଷ୍ଟା ଅର୍ଥାତ୍ ଯାହାର ଅନ୍ତରରେ ଜ୍ଞାନର ସ୍ରୋତ ଓହ୍ଲେଇ ଆସେ, ସେହି ତତ୍ତ୍ୱଦ୍ରଷ୍ଟା ଅନୁଭବୀ ଋଷି ହିଁ ଜାଣନ୍ତି ।

**ବ୍ରହ୍ମବିଦ୍ୟା ଉପଦେଶ କା, ଶରଣାଗତ ଜନ ପାଓ୍ୱ ।**
**ଦହିନେ କନ୍ଧ ଜନେଓ୍ୱ ହୈ, ନମ୍ର ନିଓ୍ୱେଦନ ଭାଓ୍ୱ ॥୨୫॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଜିଜ୍ଞାସୁ ଡାହାଣ କାନ୍ଧରେ ଯଜ୍ଞୋପବୀତ ପିନ୍ଧି ବ୍ରହ୍ମବିଦ୍ୟା ଉପଦେଶ ନିମନ୍ତେ ଗୁରୁଙ୍କର ଶରଣାଗତ ହୋଇ ନମ୍ର ଏବଂ ବିନୀତ ଭାବରେ ତତ୍ତ୍ୱଜ୍ଞାନର ବାଞ୍ଛା କରିଥାନ୍ତି ।

**ଅନ ଛୂଟେ ଓ୍ୱଲ ହୀନ ହୈ, ଅନ ଖାୟେ ବଲ ଆୟ ।**
**ଆତମ ବଲ କ୍ରମସହ ବଢ଼ୈ, ଶବ୍ଦାମୃତ ଜନ ଖାୟ ॥୨୬॥**

ଭାଷ୍ୟ - ଯେଉଁ ପ୍ରକାର ଅନ୍ନ ବିନା ଶରୀର ଦୁର୍ବଳ ହୋଇଯାଏ ଆଉ ଅନ୍ନ ଗ୍ରହଣ କରିବା ପରେ ଶରୀରରେ ବଳ ଆସିଯାଏ, ସେହି ପ୍ରକାର ଶବ୍ଦାମୃତର ଆସ୍ୱାଦନ କରିବା ଫଳରେ ଆତ୍ମାର ବଳ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗେ । ଶରୀରର ବଳ ଅନ୍ନରୁ ତଥା ଆତ୍ମାର ବଳ ଶବ୍ଦାମୃତ ପାନ କରିବାରୁ ହୋଇଥାଏ । ଆତ୍ମାର ଭୋଜନ ବ୍ରହ୍ମାମୃତ ଅଟେ, ବିଷୟ ରାଗର ଉପଭୋଗ ନୁହେଁ ।

**ଦ୍ରୋହ କିସି ସେ ନହିଁ କରେ, ସମ ହିତ ସହଜ ସ୍ୱଭାଓ୍ୱ ।**
**ଅଜ୍ଞାନୀ ଦ୍ୱେଷୀ ମିଲୈ, କର କଲ୍ୟାଣ ପ୍ରଭାଓ୍ୱ ॥୨୭॥**

ଭାଷ୍ୟ - ବିବେକୀ ସନ୍ଥ ନିଜ ସମାନ ସହଜ ସ୍ୱଭାବ ହେତୁ ସମସ୍ତଙ୍କର ପ୍ରିୟ ହୋଇଥାନ୍ତି । କୌଣସି ପ୍ରାଣୀ ପ୍ରତି ଦ୍ରୋହ ଅଚରଣ କରନ୍ତି ନାହିଁ । ସମସ୍ତଙ୍କର କଲ୍ୟାଣ ଏବଂ ଉନ୍ନତି ନିମନ୍ତେ ପ୍ରବୃତ୍ତି ରଖିଥାନ୍ତି । ସେ ଅଜ୍ଞାନୀ, ଦ୍ୱେଷୀ ସମସ୍ତ ପ୍ରାଣୀମାନଙ୍କ ପ୍ରତି ମଧ୍ୟ କଲ୍ୟାଣ ଭାବନା ରଖି ନିଜର ସନ୍ଥ ଭାବକୁ ସ୍ଥିର ରଖିଥାନ୍ତି ।

**ଅଜ ପଞ୍ଚୌଦନ ଦେଓ୍ୱତା, କୌନ ବତାଓ ଭେଓ୍ୱ ।**
**ତୀନ ଜ୍ୟୋତି ଓ୍ୱହ କୌନ ହୈ, ମିଲନ ମୁମୁକ୍ଷୁ ସେଓ୍ୱ ॥୨୮॥**

ଭାଷ୍ୟ - ନିତ୍ୟକୁ 'ଅଜ' କହନ୍ତି । ଯାହାର ପାଞ୍ଚ ପ୍ରକାରର ଦୀପ୍ତି ରହିଛି, ତାହାକୁ ପଞ୍ଚୌଦନ କହନ୍ତି । ଆତ୍ମାର ପାଞ୍ଚ ଜ୍ଞାନ ଶକ୍ତି ଅଛି, ଯାହା ବଦ୍ଧ କାଳରେ ବାହ୍ୟ ଜଗତରେ ଶବ୍ଦ, ସ୍ପର୍ଶ, ରୂପ, ରସ ଆଉ ଗନ୍ଧ ଏ ସମସ୍ତ ପ୍ରାକୃତିକ ବିଷୟମାନଙ୍କୁ ଜଡ଼ କରଣରୁ ପ୍ରାପ୍ତ କରିଥାଏ । ଏ ସମସ୍ତ ପ୍ରାକୃତିକ କରଣଗୁଡ଼ିକ ନ ରହି ସୁଦ୍ଧା ଆତ୍ମାରେ ଏ ସମସ୍ତ ଭୌତିକ ଶକ୍ତି ଚେତନ ଧର୍ମରେ ସ୍ୱାଭାବିକ ରୂପରେ ବିଦ୍ୟମାନ ରହିଥାନ୍ତି । ସେଥିପାଇଁ ଏହି ଦୋହାରେ ପଞ୍ଚୌଦନର ବର୍ଣ୍ଣନା କରାଯାଇଛି । ଆତ୍ମାକୁ ପଞ୍ଚୌଦନ କହନ୍ତି । ଏହି ଦେବତା ପଞ୍ଚଜ୍ଞାନ ଶକ୍ତି ସହିତ ଯୁକ୍ତ ଅଟନ୍ତି, ଯାହା ସମ୍ପର୍କରେ ପ୍ରଶ୍ନ ରୂପରେ ଏହି ଦୋହାରେ ସଂକେତ କରାଯାଇଛି । ତ୍ରିଜ୍ୟୋତି ସାଧକମାନଙ୍କୁ ପ୍ରାପ୍ତ ହୋଇଥାଏ ଆଉ ପରିଶେଷରେ ପରମାନନ୍ଦ ପୂର୍ଣ୍ଣ ପ୍ରଭୁଙ୍କର ପ୍ରାପ୍ତି ହୋଇଥାଏ । ମନ, ଆତ୍ମା ଆଉ ପରଂବ୍ରହ୍ମ - ଏ ତିନି ସତ୍ତା ଅଟନ୍ତି ଯାହାଙ୍କର ପ୍ରକାଶ ଆତ୍ମାକୁ କ୍ରମଶଃ ପ୍ରାପ୍ତ ହୋଇଥାଏ । ଏଥିପାଇଁ ମୁକ୍ତିର ଅଧିକାରୀ ପ୍ରଯତ୍ନ କରି ଏଗୁଡ଼ିକୁ ପ୍ରାପ୍ତ ହୋଇ ପରମାନନ୍ଦଙ୍କୁ ଉପଲବ୍ଧ କରିଥାନ୍ତି ।

## ନବରାତ୍ରୀ (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏହାବ୍ୟତୀତ ମା'ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନଅ ଦିନ ଧରି ଏକ ଅଖଣ୍ଡ ଦୀପ ଜଳା ଯାଇଥାଏ । ନବରାତ୍ରର ପ୍ରତ୍ୟେକ ଦିନ ଋତୁବତୀ ହୋଇ ନ ଥିବା ଏକ କୁମାରୀ କନ୍ୟାକୁ ଘରକୁ ନିମନ୍ତ୍ରଣ କରି ପୂଜା କରାଯାଏ । ଯଦି ପ୍ରତ୍ୟେକ ଦିନ ସମ୍ଭବ ନ ହୁଏ ତେବେ ନଅ ଦିନ ଭିତରେ କୌଣସି ଗୋଟିଏ ଦିନ ଏକାଥରକେ ୯ଜଣ କନ୍ୟାକୁ ପୂଜା କରାଯାଏ । ଏହାକୁ 'କନ୍ୟା ପୂଜା' ବୋଲି କୁହାଯାଏ । ଏଥିପାଇଁ ଭଲରେ ପ୍ରସ୍ତୁତ ହୋଇଥିବା ପଟିରେ ବସାଇ ପ୍ରଥମେ ସେମାନଙ୍କ ପାଦକୁ ଧୋଇ ପୂଜା କରାଯାଏ । ପରେ କଦଳୀ ପତ୍ରରେ ଖିରି ଏବଂ ପୁରୀ ଖାଇବାକୁ ଦିଆଯାଏ । ପରିଶେଷରେ କନ୍ୟାମାନଙ୍କୁ ନୂଆ ପୋଷାକ ପ୍ରଦାନ କରାଯାଇଥାଏ । କନ୍ୟା ହେଉଛନ୍ତି ଶକ୍ତିର ସ୍ୱରୂପ । ତେଣୁ ନବରାତ୍ର ସମୟରେ ସେମାନଙ୍କ ପୂଜା ଦ୍ୱାରା ଦୁଃଶକ୍ତି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ବ୍ରତ : ନବରାତ୍ର ସମୟରେ ୭-୮ ଦିନ ବ୍ରତ ରଖା ଯାଇଥାଏ । ସାଧାରଣତଃ କନ୍ୟା ପୂଜା ଉପରେ ଭକ୍ତଙ୍କ ବ୍ରତ ଶେଷ କରିବା ନିର୍ଭର କରିଥାଏ । ଏହି ସମୟରେ ଲୋକେ ସକାଳୁ ଉଠି ସ୍ନାନ ସାରି ମା'ଙ୍କ ଦର୍ଶନ କରିବା ପରେ ସାତ୍ତ୍ୱିକ ଭୋଜନ କରିଥାନ୍ତି । ଅନେକ ଲୋକ ନିର୍ଜଳା ଉପବାସ ମଧ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥିବା ଯୋଗୁଁ ଲୋକେ ଏହି ନଅ ଦିନଆମିଷ, ନିଶାଦ୍ରବ୍ୟ, ସାଧାରଣ ଲୁଣରୁ ପ୍ରସ୍ତୁତ ଖାଦ୍ୟ ଏବଂ ମସଲା ଜାତୀୟ ଖାଦ୍ୟରୁ ନିଜକୁ ଦୂରେଇ ରଖିଥାନ୍ତି । ଏହାଛଡ଼ା ସାତ ଦିନ ପର୍ଯ୍ୟନ୍ତ ଫଳ ଏବଂ ଫଳରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ହିଁ ଗ୍ରହଣ କରିଥାନ୍ତି । ସାଧାରଣ ଲୁଣ ବଦଳରେ ସୈନ୍ଧବଲବଣ ଖାଦ୍ୟରେ ବ୍ୟବହାର କରନ୍ତି । ସାତ ଦିନ ପରେ କନ୍ୟା ପୂଜା ପରେ ଅଷ୍ଟମୀ ଦିନ ଭକ୍ତମାନେ ବ୍ରତ ଭଙ୍ଗ କରିଥାନ୍ତି ।

## ହଳଦୀ ମିଶା କ୍ଷୀରପାନ ଅବସାଦ ଦୂରକରେ

**ରା**ତିରେ ଶୋଇବା ପୂର୍ବରୁ ଅଧଗ୍ଲାସେ ହଳଦୀ ମିଶା କ୍ଷୀର ପିଇଲେ ବହୁ ଉପକାର ମିଳିଥାଏ । ଏହାଦ୍ୱାରା ସାରାଦିନର ଥକାପଣ ଦୂରହୋଇ ସୁଖନିଦ୍ରା ହୋଇଥାଏ । ଶରୀର ପୀଡାରୁ ମଧ ଏହା ମୁକ୍ତି ଦେଇଥାଏ । କ୍ଷୀରରେ ପ୍ରଚୁର ପରିମାଣରେ କ୍ୟାଲସିୟମ, ଆଇରନ, ପ୍ରୋଟିନ ଏବଂ ଭିଟାମିନ୍ ଆଦି ପୋଷକତତ୍ତ୍ୱ ରହିଥାଏ । ସେହିପରି ହଳଦୀ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବେ କାର୍ଯ୍ୟ କରିଥାଏ । ହଳଦୀ ମିଶା କ୍ଷୀର ପିଇଲେ ମାନସିକ ଅବସାଦ ଦୂର ହୋଇଥାଏ । ତେବେ ଏହାକୁ ଆବଶ୍ୟକ ମାତ୍ରାରେ ପିଇବା ଦ୍ୱାରା ସୁଫଳ ମିଳିତାଏ ।



## ଟିକିଏ ହସନ୍ତୁ

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ ଫୋନ କରି : କ'ଣ କରୁଛ ?
ଗର୍ଲଫ୍ରେଣ୍ଡ : କିଛି ନାଇଁ । ଖାଲି ନେଟ୍‌ରେ ବସିଛି ।
ବୟଫ୍ରେଣ୍ଡ : ମୁଁ ଏବେ ବୁଝିଲି ନେଟ୍ ଏତେ ସ୍ଲୋ କାହିଁକି ହଉଛି ।

× × ×

ଯୁବତୀ ଡାକ୍ତରଙ୍କୁ : ମୋ ହାତ ଖଣ୍ଡିଆ ହେଇଯାଇଛି ।
ଡାକ୍ତର : କିଛି ଲଗେଇ ଥିଲେ ?
ଯୁବତୀ : ହଁ ।
ଡାକ୍ତର : କ'ଣ ?
ଯୁବତୀ : ଫେସବୁକରେ ଷ୍ଟାଟସ୍ ଲଗେଇଥିଲି- ଫିଲିଂ ନଟ୍ ଓ୍ୱେଲ୍ ।

× × × ×



ଶିକ୍ଷକ : ସବୁଠାରୁ ଚତୁର ପ୍ରାଣୀ କିଏ ?
ମୁନା : ସାର୍, ହରିଣ ।
ଶିକ୍ଷକ : କେମିତି ?
ମୁନା : ସତ୍ୟଯୁଗରେ ସେ ପ୍ରଭୁ ରାମଚନ୍ଦ୍ରଙ୍କୁ ଫଶାଇଥିଲା । ଆଉ କଳିଯୁଗରେ ସଲମାନଙ୍କୁ ।

× × × × × ×

ସ୍ତ୍ରୀ ସ୍ୱାମୀଙ୍କୁ : ମୁଁ ତୁମକୁ କେତେ ଭଲ ଲାଗେ ?
ସ୍ୱାମୀ : ବହୁତ ।
ସ୍ତ୍ରୀ : ବହତୁ ମାନେ କେତେ ?
ସ୍ୱାମୀ : ଏତେ ଭଲ ଲାଗ ଯେ, ଇଚ୍ଛା ହଉଛି ତମ ଭଳି ଆଉ ୨-୩ ଜଣଙ୍କୁ ନେଇ ଆସନ୍ତି ।

× × × × × ×

ଦୁଇଜଣ ମହିଳା କଥା ହେଉଥିଲେ ।
ପ୍ରଥମ ମହିଳା : ଜାଣିଛ ୨୪ ବର୍ଷ ଯାଏ ମୋର କିଛି ପିଲାଛୁଆ ହେଉ ନ ଥିଲେ ।
ଦ୍ୱିତୀୟ ମହିଳା : ଓ ! ତା'ପରେ କ'ଣ କଲ ?
ପ୍ରଥମ ମହିଳା : ତା' ପରେ ଆମଘର ଲୋକେ ମୋର ବାହାଘର କରେଇ ଦେଲେ । ଆଉ ମୋର ପୁଅ ହେଲା ।

## ବନ୍ଧାକୋବିର ଉପକାରିତା

**ବ**ନ୍ଧାକୋବି ଏକ ଶୀତ ଦିନିଆ ପରିବା ହୋଇଥିଲେ ହେଁ, ଆଜିକାଲି ଏହା ପ୍ରାୟତଃ ୧୨ ମାସି ହୋଇଗଲାଣି । ଏହା ଭାରତରେ ପ୍ରଚୁର ପରିମାଣରେ ଚାଷ ହୋଇଥାଏ । ବନ୍ଧାକୋବିକୁ ଯେପରି ରାନ୍ଧିଲେ ମଧ ଏହା ସୁଆଦିଆ ଲାଗେ । ଏଥିରେ ପ୍ରଚୁର ପରିମାଣର ପୋଷକତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ।

ବନ୍ଧାକୋବିରେ ଭିଟାମିନ୍ ସି' ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ବଢ଼ିର ଇମ୍ୟୁନି ସିଷ୍ଟମକୁ ମଜଭୁତ କରିଥାଏ ।

ଆଖି ପାଇଁ ବନ୍ଧାକୋବି ବଡ଼ ଉପକାରୀ । ଏହାକୁ ନିୟମିତ ଖାଇବା ଦ୍ୱାରା ବଢିରେ ବିଟା କେରୋଟିନ ବଢ଼ିଯାଇଥାଏ, ଯାହା ଆଖିକୁ ଠିକ୍ ରଖିଥାଏ ।



ବନ୍ଧାକୋବିରେ ସିନିଗ୍ରିନ, ଇଣ୍ଡୋଲ ଓ କାର୍ବିନୋଲ ଭଳି ପଦାର୍ଥ ରହିଥିବାରୁ ଏହା କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

ବନ୍ଧା କୋବିରେ ଗୋଲଟାମାଇନ ନାମକ ପଦାର୍ଥ ରହିଥାଏ ଯାହା ପେପ୍ଟିକ ଅଲସର ବିରୋଧୀ ହୋଇଥାଏ । ତେଣୁ ବନ୍ଧାକୋବି ଖାଇବା ଦ୍ୱାରା ଅଲସର ହେବାର ଆଶଙ୍କା କମ୍ ହୋଇଯାଏ ।

ବନ୍ଧାକୋବି ନିୟମିତ ଖାଉଥିବା ବ୍ୟକ୍ତିଙ୍କ ଓଜନ ସ୍ଥିର ରହିଥାଏ । ଏହାର ବଡ଼ କାରଣ ହେଲା ଏଥିରେ ଖୁବ୍ କମ୍ କ୍ୟାଲୋରି ରହିଛି । ବନ୍ଧାକୋବି ଖାଇବା ଦ୍ୱାରା ପେଟ ପୁରିଲା ପୁରିଲା ଲାଗେ । ଖାଦ୍ୟ ଆଗରେ ଥିଆ ହୋଇଥିଲେ ବି ଖାଇବାକୁ ଇଚ୍ଛା ହୁଏନି । ଖାଦ୍ୟ କମ୍ ଖାଇବା ଯୋଗୁଁ ଓଜନ ମଧ କମିଯାଇଥାଏ । ତେଣୁ ବନ୍ଧାକୋବି ଓଜନ କମ୍ କରିବାର ଏକ ଭଲ ମେଡିସିନ କହିଲେ ଅତ୍ୟୁକ୍ତି ହେବନି ।

ପତ୍ରକୋବିରେ ବହୁଳ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ ଏହା ସ୍କିନକେୟାର ଭଳି କାର୍ଯ୍ୟ କରିଥାଏ । ଏହା ଆପଣଙ୍କ ସ୍କିନରେ ଚମକ ଆଣିଥାଏ ।

ପତ୍ରକୋବିରେ ଲାକ୍ଟିକ ଏସିଡ୍ ଖୁବ୍ ଉତ୍ତମ ମାତ୍ରାରେ ରହିଥିବାରୁ ଏହା ମାଂସପେଶୀ ଯନ୍ତ୍ରଣାରୁ ରକ୍ଷା କରିଥାଏ ।

ଏଥିରେ ବହୁ ପରିମାଣର ପୋଷକ ତତ୍ତ୍ୱ ରହିଥିବା କାରଣରୁ ପାଚନ କ୍ରିୟା ଠିକ୍ ଭାବରେ ହୋଇଥାଏ ଏବଂ ପେଟ ମଧ ଠିକ୍ ରହିଥାଏ । ସବୁଠୁ ବଡ଼ କଥା ହେଲା ଯେଉଁମାନଙ୍କର କୋଷ୍ଠକାଠିନ୍ୟ ସମସ୍ୟା ରହିଛି ସେମାନଙ୍କ ପାଇଁ ବନ୍ଧାକୋବି ସମ୍ପୂର୍ଣ୍ଣ ଭଲ ।

## ଦେହକୁ ହିତ ପିଜୁଳି

ଓଡ଼ିଶା ସମେତ ଭାରତର ବହୁ ରାଜ୍ୟରେ ପିଜୁଳି ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ । ଏହା ଦେହ ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟକର । ଏଥିରେ ଥିବା ବିଭିନ୍ନ ପ୍ରକାର ଖଣିଜ ଓ ଜୀବସାର ଶରୀରକୁ ଶକ୍ତି ପ୍ରଦାନ କରିବା ସହ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ ।

ଏଥିରେ ଥିବା ଭିଟାମିନ୍ ବି-୯ ଶରୀରର କୋଷିକା ଓ ଡିଏନଏକୁ ସୁସ୍ଥ ତଥା ସ୍ୱାଭାବିକ କରେ । ପିଜୁଳିରୁ ପ୍ରଚୁର ପରିମାଣର ପୋଟାସିୟମ୍ ମିଳେ । ହୃଦୟର ମାଂସପେଶୀକୁ ଦୃଢ଼ କରିବାର କ୍ଷମତା ପୋଟାସିୟମର ରହିଛି । ନିୟମିତ ପିଜୁଳି ଖାଇଲେ ସର୍ଦ୍ଦି ଓ କାଶ ପରି ରୋଗ ପାଖ ମାଡେ ନାହିଁ । ଏଥିରେ ଥିବା ଭିଟାମିନ୍ ଏ ଓ ଇ ଆଖି, କେଶ ଏବଂ ତ୍ୱଚାର ପୋଷଣ କରେ । ପିଜୁଳିରେ ଥିବା ଲାଇକୋପିନ ନାମକ 'ଫାଇଟୋ ନ୍ୟୁଟ୍ରେଣ୍ଟ' କର୍କଟ ଓ ଟ୍ୟୁମର ହେବାର



ଆଶଙ୍କା ଦୂର କରେ । ଏଥିରେ ଥିବା ବିଟାକେରୋଟିନ୍ ନାମକ ପୋଷକ ତତ୍ତ୍ୱ ସମ୍ବନ୍ଧିତ ରୋଗ ଦୂରରେ କରିବାରେ ସହାୟକ । ଫଳ ପରି ଏହାର ପତ୍ର ମଧ ଉପକାରୀ । ଏହାକୁ ଚୋବାଇ ଖାଇଲେ, ମୁହଁର ସଂକ୍ରମଣ ଦୂର ହୁଏ । ପିଜୁଳି ପତ୍ର ଶ୍ୱାସରୋଗୀଙ୍କ ପାଇଁ ଉପକାରୀ । ପିଜୁଳି କୋଲେଷ୍ଟୋରଲ ପରିମାଣକୁ ନିୟନ୍ତ୍ରଣ କରେ । ପିଜୁଳି ରସ ମଧ ଦେହ ପାଇଁ ଉପକାରୀ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସର୍ବବୃହତ୍ ଚକୋଲେଟ ବାର୍‌ର ଓଜନ ୫୭୯୨.୫୦ କିଲୋଗ୍ରାମ ।
- ପୃଥିବୀର ସବୁଠାରୁ ଶୁଷ୍କ ସ୍ଥାନ ଚିଲିର ଆଟାକାମା ମରୁଭୂମି ହୋଇଥିବା ବେଳେ ସବୁଠାରୁ ଆର୍ଦ୍ରତମ ସ୍ଥାନ ହେଉଛି ଭାରତର ଚେରାପୁଞ୍ଜି ।
- ମହାକାଶଚାରୀଙ୍କ ଗବେଷଣା ଅନୁଯାୟୀ ପ୍ରତିଦିନ ମହାକାଶରେ ପ୍ରାୟ ୨୭୫ ମିଲିୟନ ନୂଆ ତାରା ସୃଷ୍ଟି ହୋଇଥାନ୍ତି ।
- ପୁରାତନ କାଳରେ ଇଜିପ୍ଟରେ ଲୋକମାନେ ମହୁ ଏବଂ ଚିନିକୁ ଆଣ୍ଟି ବାୟୋଟିକ୍ସ ଭାବେ ବ୍ୟବହାର କରୁଥିଲେ ।
- ପେନସିଲ ଭିତରେ ଥିବା ଲିଡ୍ ଦ୍ୱାରା ୫୬ କିଲୋମିଟରର ଲମ୍ବା ଲାଇନ ଅଙ୍କାଯାଇ ପାରିବ ।
- ପୃଥିବୀରେ ଏଭଳି କିଛି ପ୍ରଜାତି ସାପ ଅଛନ୍ତି, ଯେଉଁମାନେ ବିନା ଖାଦ୍ୟରେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରନ୍ତି ।
- ଅକ୍ଟୋପସ ଏକ ଘଣ୍ଟାରେ ୧୭୦ ଥରରୁ ଅଧିକ ନିଜ ରଙ୍ଗ ବଦଳାଇପାରେ ।
- ମହୁମାଛିଙ୍କର ୨୦ ହଜାର ପ୍ରଜାତି ଥିବା ବେଳେ କେବଳ ୪ ଟି ପ୍ରଜାତି ହିଁ ମହୁ ଉତ୍ପନ୍ନ କରିବାରେ ସକ୍ଷମ ।
- ପୃଥିବୀରେ ଗଣ୍ଡାର ୫ ଟି ପ୍ରଜାତି ରହିଛି । ତେବେ ଆଫ୍ରିକାରେ ଦେଖା ଦେଉଥିବା ଧଳା ଗଣ୍ଡା ସବୁଠାରୁ ସ୍ୱତନ୍ତ୍ର ଏବଂ ବିରଳ ।
- ମୟୂରର ଅଦ୍ଭୁତ ସୁନ୍ଦରତା ହେତୁ ଭାରତ ସରକାର ୧୯୬୩, ଜାନୁଆରୀ ୨୬ ରେ ଏହାକୁ ଭାରତର ଜାତୀୟ ପକ୍ଷୀ ଭାବେ ଘୋଷଣା କରିଥିଲେ ।

## ଦେଶୀ ସ୍ନାକ୍ସ ମଖାନା

**ମ**ଖାନା ଏକ ପ୍ରକାର କୋଳି । ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଏଥିରେ ପ୍ରଚୁର ତନ୍ତୁ, ପ୍ରୋଟିନ ଓ କାର୍ବୋହାଇଡ୍ରେଟସ୍ ରହିଛି । ଏହି କୋଳି ସମ୍ପୂର୍ଣ୍ଣ ଗ୍ଲୁଟେନ ମୁକ୍ତ ।

ମଖାନାକୁ ଫକ୍ସ ସିଡ୍ସ ବା ଲୋଟସ ସିଡ୍ସ କୁହାଯାଏ । ଏହା ସ୍ଥିର ପାଣିଥିବା ଗାଡିଆ, ହ୍ରଦ ଓ ସନ୍ତସନ୍ତିଆ ଜାଗାରେ ହୁଏ । ଏହି କୋଳିକୁ ଫାଷ୍ଟିଂ ଫୁଡ ବି କୁହାଯାଏ । କାରଣ ଆଧାତ୍ମିକ ଉତ୍ସବମାନଙ୍କରେ ଏହାର ଆବଶ୍ୟକତା ବେଶୀ ରହିଛି । ଏହି ଦେଶୀ ସ୍ନାକ୍ସ ଏବେ ବିଶ୍ୱସ୍ତରୀୟ ପ୍ରୋଟିନଯୁକ୍ତ ଖାଦ୍ୟ ଭାବେ ଗଣାଯାଉଛି । ଏମିତିକି ୱାଲନଟସ୍ ଓ ଆଲମଣ୍ଡ ଠାରୁ ଏହା ଆଗରେ ରହିଥିବା କୁହାଯାଉଛି ।



ମଖାନାରେ ବେଶୀ ତନ୍ତୁ ଓ କମ୍ କ୍ୟାଲୋରି ରହିଥିବାରୁ ଏହା ଓଜନ କମ୍ କରେ । କମ୍ ସୋଡିୟମ ଓ ବେଶୀ ମ୍ୟାଗ୍ନେସିୟମ ଥିବାରୁ ଏହା ହାର୍ଟ ଡିଜିଜ, ଉଚ୍ଚ ରକ୍ତଚାପ , ଡାଇବେଟିସ୍ ଓ ମେଦ ବହୁଳତାରେ ପୀଡିତଙ୍କ ପାଇଁ ଉପକାରୀ । ଏଥିରେ ଆଣ୍ଟି ଏଜିଂ ଏଞ୍ଜାଇମ୍ ଥିବାରୁ ଏହା କ୍ଷତି ହୋଇଥିବା ପ୍ରୋଟିନ ଭରଣା କରିପାରେ । ଅତ୍ୟଧିକ କାର୍ବୋହାଇଡ୍ରେଟସ ରହିଥିବ ଖାଦ୍ୟଠାରୁ ଏହାର ଗ୍ଲିସେମିକ ଇଣ୍ଡେକ୍ସ କମ୍ । ଏହି କାରଣରୁ କିଡନୀ ଲାଗି ଏହା ଉପକାରୀ ।

ମଖାନାକୁ କଞ୍ଚା ଭାଜି କିମ୍ବା ସିଝାଇ ଖାଇ ପାରିବେ । ସାଲାଡରେ ବି ମିଶାଇ ଖାଇ ପାରିବେ । କ୍ଷୀରିରେ ମଧ ପକାଯାଏ । ବାଜରା ଓ ସୋୟା ସହ ଏହାକୁ ଗୁଣ୍ଡ କରି ମାଖନା ଖିଆଯାଏ ।

## ଘିକୁଆଁରୀ ଜୁସ୍ ପିଇ ମୋଟାପା ଦୂର କରନ୍ତୁ

**ସ**କାଳୁ ଖାଲି ପେଟରେ ଘିକୁଆଁରୀ ଜୁସ୍ ପିଇବା ଫଳରେ ତ୍ୱଚା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଦୂର ହୋଇଯାଇଥାଏ । ଏଥିରେ କ୍ୟାଲସିୟମ, ତମ୍ବା, ପୋଟାସିୟମ, ଲୌହ, ମ୍ୟାଗ୍ନେସିୟମ ଓ ମାଙ୍ଗନିଜ୍ ପ୍ରଚୁର ମାତ୍ରାରେ ରହିଛି, ଯାହାକି ରୋଗକୁ ରୋକିବାରେ ସକ୍ଷମ ହୋଇଥାଏ । ଏଲୋଭେରା ବ୍ୟବହାର କରିବା ଫଳରେ ମୋଟାପାର ଭୟ ମଧ ଦୂର ହୋଇଥାଏ ।



ଘିକୁଆଁରୀ ଜୁସ୍ ପ୍ରତିଦିନ ସେବନ କରିବା ଫଳରେ ମୋଟାପଣ କମ୍ ହୋଇଥାଏ । ଏଥି ସହିତ ଏହା ପ୍ଲିହା ରୋଗ ପାଇଁ ଖୁବ୍ ଗୁଣକାରୀ ହୋଇଥାଏ ।

ମୁହଁରେ ହେଉଥିବା ଛୋଟ ଛୋଟ ଦାଗକୁ ମଧ ଦୂର କରେ । ଏଥି ସହିତ ତ୍ୱଚା ସମ୍ବନ୍ଧୀୟ ଚିନ୍ତାକୁ ଦୂର କରି ଦେଇଥାଏ । ମୁହଁର ବ୍ରଣ ଓ ଆଖି ତଳେ ପଡୁଥିବା କଳାଦାଗ ପାଇଁ ବହୁ ଉପଯୋଗୀ ହୋଇଥାଏ ।

ରତୁପରିବର୍ତ୍ତନ ଜନିତ ରୋଗକୁ ଦୂର କରିବା ପାଇଁ ଏହାର ରସ ଖୁବ୍ ଉପଯୋଗୀ । ଥଣ୍ଡା କାଶ ପାଇଁ ଏହାର ରସକୁ ବ୍ୟବହାର କରିବା ଫଳରେ ଖୁବ୍ ଫଳପ୍ରଦ ହୋଇଥାଏ ।

ଶରୀରର କୌଣସି ଅଙ୍ଗ ପୋଡିଗଲେ, ପୋଡ଼ା ଘା' ଉପରେ ତୁରନ୍ତ ଘି- କୁଆଁରି ର ଲାଳ ଅଂଶ ଲଗାଇଦେବା ଫଳରେ ତୁରନ୍ତ ଲାଭ ମିଳିଥାଏ ।

ନିୟମିତ ଏଲୋଭେରା ସେବନ କରିବା ଫଳରେ ପାଚନ ସମ୍ବନ୍ଧୀୟ ସମସ୍ୟା ଦୂରହେବା ସହିତ ଅର୍ଶ ଓ ଡାଇବେଟିସ୍ ରୋଗକୁ ମଧ ଦୂର କରିଥାଏ ।

## କହିପାରିବେ କି ?

(୧) ଜର୍ମାନ ସିଲ୍‌ଭର କାହାର ମିଶ୍ରଧାତୁ ?
(୨) ବାୟୁ ଏକ ଯୌଗିକ, ମୌଳିକ ନା ମିଶ୍ରଣ ?
(୩) କିଏ ବିଦ୍ୟୁତର ଏକ କୁପରିବାହୀ ହୋଇଥିବା ବେଳେ ତାପ ଲାଗି ଭଲ ସୁପରିବାହୀ ଭାବେ କାମ କରେ ?
(୪) କାର୍ବୋରାଣ୍ଡମ୍ କ'ଣ ?
(୫) ତମ୍ବା, ଅଭ୍ର, ଜିଙ୍କ ଏବଂ ରୁପା ମଧ୍ୟରୁ କିଏ ଭଲ ବିଦ୍ୟୁତ ସୁପରିବାହୀ ?
(୬) ସୋଡ଼ାପାଣିରେ କେଉଁ ଗ୍ୟାସ୍ ଥାଏ ?
(୭) ପ୍ରିଜ୍‌ମ ଏବଂ ଲେନ୍ସ ପ୍ରସ୍ତୁତିରେ କେଉଁ କାଚ ବ୍ୟବହାର କରାଯାଏ ?
(୮) ସାଧାରଣ ଭାବେ ପଲିଆମାଇଡ୍ କାହାକୁ କୁହାଯାଏ ?
(୯) ହାଇଡ୍ରୋମିଟରରେ କ'ଣ ହୁଏ ?
(୧୦) ସର୍ବନିମ୍ନ ତାପମାତ୍ରା ଜାଣିବା ଲାଗି କେଉଁ ଥର୍ମୋମିଟର ବ୍ୟବହାର କରାଯାଏ ?

### JUMBLE WORDS

| | | | |
|---|---|---|---|
| 1) SACION | = | 6) VRREI | = |
| 2) ELYPES | = | 7) HWONS | = |
| 3) LCXEE | = | 8) VITANE | = |
| 4) PCNOOH | = | 9) MTFOHA | = |
| 5) PSIRTC | = | 10) ARKPN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଏସିଡ, ୨.ଭୁଲ, ୩.ଶୂନ, ୪.ଆଲବର୍ଟ ଆଇନଷ୍ଟାଇନ୍, ୫.ଆସଫ୍ ଅଲ୍ଲୀ, ୬.ସି.ଡି.ଦେଶମୁଖି, ୭.ରମଣ ମାଗାସେସ୍ ପୁରସ୍କାର, ୮.ଜୁଲାଇ ୧୧ ତାରିଖ, ୯.୧୯୯୪ ମସିହା, ୧୦.ମାସିଡନର ଆଲେକଜାଣ୍ଡର ତୃତୀୟ

***Jumble Words* ର ଉତ୍ତର :-**

(1) COPPER (2) DUPLEX (3) GROUT (4) FUNNY (5) LAVISH
(6) UNWISE (7) PRIOR (8) LAUGH (9) YELLOW (10) SQUIRM


# ହାଇଦ୍ରାବାଦରେ ଓସାକାର ନୂଆଁଖାଇ ଧୁମ୍




ହାଇଦ୍ରାବାଦ: ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ଅନୁଷ୍ଠାନ 'ଓସାକା' ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଧୁମ୍‌ଧାମରେ ପାଳିତ ହୋଇ ଯାଇଛି । ଏଥିରେ ଓଡ଼ିଶାର ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବାହାରେ ଓସାକାର ଏଭଳି ପ୍ରୟାସର ପ୍ରଶଂସା କରିଥିଲେ । ସମସ୍ତ ପ୍ରବାସୀ ଓଡ଼ିଆଙ୍କ ସହ ମନ୍ତ୍ରୀ ଶ୍ରୀ ଢୋଲକିଆ ନାଚଗୀତ ସାଂସ୍କୃତିକ ଓ କାର୍ଯ୍ୟକ୍ରମରେ ବି ସାମିଲ ହୋଇଥିଲେ । ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ମୁଖ୍ୟ ବ୍ରହ୍ମାନନ୍ଦ ମେହେରଙ୍କୁ 'ଓସାକା' ତରଫରୁ 'ଗ୍ଲୋବାଲ ଲିଡରସିପ୍ ଏକ୍ସିଲେନ୍ସ ଆୱାର୍ଡ' ପ୍ରଦାନ କରା ଯାଇଥିଲା । ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀମାନଙ୍କ ପ୍ରାରମ୍ଭିକ ପୂଜାର୍ଚ୍ଚନା ପରେ ସମସ୍ତେ ତଳେ ବସି ଏକାଠି ନୂଆ ଖାଇଥିଲେ । ଗୁରୁ ଶଙ୍କର ବେହେରା ଏବଂ ସଂଗୀତ ସାଧନା ସାଂସ୍କୃତିକ ଦଳ ରଂଗାରଂଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଦଣ୍ଡଗୁରୁ ବିପିନ୍ ଜାଲଙ୍କୁ 'ଡଂଣ୍ ମହର୍ଷି' କଳାଶିଳ୍ପୀ ଶଙ୍କର ବେହେରାଙ୍କୁ 'ସଂସ୍କୃତି ସମ୍ମାନ' ମଗ୍‌ସିର ନନ୍ଦଙ୍କୁ 'ଢୁଲିଆଶ୍ରୀ' ଏବଂ କେଦାର ପଟେଲଙ୍କୁ 'କଳାକାର ସମ୍ମାନ' ପ୍ରଦାନ କରାଯାଇଥିଲା । କରୋନା ପରେ ଆୟୋଜିତ ଏହି ପ୍ରଥମ ଭେଟଘାଟ କାର୍ଯ୍ୟକ୍ରମରେ ୭୦୦ ପରିବାରର ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ଓସାକା ସଭାପତି ରାମକୃଷ୍ଣ ବାରିକ, ଉପସଭାପତି ଶଙ୍କର ସାହୁ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାମଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଡାକ୍ତର ସଖାରାମ ଦୁବେଙ୍କ ପରଲୋକ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ସେବା କାର୍ଯ୍ୟ ଏବଂ ଚିକିତ୍ସା ପାଇଁ ଘରେ ଘରେ ପରିଚିତ ଲୋକପ୍ରିୟ ଡାକ୍ତର ସଖାରାମ ଦୁବେ (୭୯)ଙ୍କ ରାୟପୁର ଠାରେ ପରଲୋକ ଘଟିଛି । ସେ ଗତ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ କ୍ୟାନସରରେ ପୀଡ଼ିତ ହୋଇ ମୁମ୍ବାଇରେ ଚିକିତ୍ସିତ ହେଉଥିଲେ । କିଛି ଦିନ ତଳେ ଚିକିତ୍ସା ବ୍ୟବସ୍ଥା ଲାଗି ଝାରସୁଗୁଡ଼ାରୁ ରାୟପୁରକୁ ନିଜ ସଂପର୍କୀୟଙ୍କ ଘରକୁ ସ୍ଥାନାନ୍ତର ହୋଇଥିଲେ ।



ସ୍ୱର୍ଗତ ଡାକ୍ତର ଦୁବେଙ୍କ ପତ୍ନୀ, ଏକମାତ୍ର ପୁଅ ହିମାଂଶୁ ଦୁବେ ଏବଂ ତିନି ଝିଅ-ଜ୍ୱାଇଁ, ବୋହୂ, ନାତିନାତୁଣୀ ଆଦି ରହିଛନ୍ତି । ୧୯୪୩ ମସିହା ଡିସେମ୍ବର ୨୭ ତାରିଖ ତତ୍କାଳୀନ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଅନ୍ତର୍ଗତ ଅଁତରଡୁଳି (ଯାହାକି ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ଜଳସମାଧିସ୍ଥ)ରେ ଜନ୍ମ ଗ୍ରହଣ କରିଥିଲେ । ସିଏସ୍‌ବି ଜିଲ୍ଲା ସ୍କୁଲ ସମ୍ବଲପୁରରେ ମାଟ୍ରିକ ପାସ କରିବା ପରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ପ୍ରି-ମେଡିକାଲ କୋର୍ସ ଏବଂ ପରେ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରେ ଅଧ୍ୟୟନ କରି ଏମବିବିଏସ୍ ଏବଂ ଏମ୍‌ଡି ମେଡିସିନ ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୭୦ ମସିହାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଯୋଗ ଦେବା ପରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ବଲାଙ୍ଗୀର ଜିଲ୍ଲାରେ ଯୋଗ ଦେଇଥିଲେ । ଝାରସୁଗୁଡ଼ା ଜିଲ୍ଲାରେ ଏଡିଏମ୍‌ଓ ଏବଂ ପରେ ଇନଚାର୍ଜ ସିଡିଏମ୍‌ଓ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ । ଜଣେ ଦରଦୀ, ସହାନୁଭୂତିଶୀଳ, ପରୋପକାରୀ ଏବଂ ସହଯୋଗୀ ଡାକ୍ତର ତଥା ସମାଜସେବୀ ଭାବେ ସେ ପ୍ରତିଷ୍ଠା ଅର୍ଜନ କରିବା ସହ ତାଙ୍କର ଢେର ଲୋକପ୍ରିୟତା ରହିଥିଲା । ସହରର ବହୁ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସେ ସିନେଟ୍ ସଦସ୍ୟ ଥିଲେ । ସର୍ଯୁପରିନ ବ୍ରାହ୍ମଣ ସମାଜର ସେ ଝାରସୁଗୁଡ଼ା ଜିଲ୍ଲା ସଭାପତି ଥିଲେ । ଦ୍ୱିଜ୍ କୁଳଭୂଷଣ ସମ୍ମାନରେ ତାଙ୍କୁ ଛତିଶଗଡ଼ ସର୍ଯୁପରିନ ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଚାକିରୀରୁ ଅବସର ପରେ ସେ ଘରୋଇ ଭାବେ ଚିକିତ୍ସା ସେବା ଜାରି ରଖିବା ସହ ପ୍ରତି ରବିବାର ଦୁଇ ଘଣ୍ଟା ପାଇଁ ଗରିବ ବିପିଏଲ୍ ଶ୍ରେଣୀର ରୋଗୀ ଏବଂ ବରିଷ୍ଠ ନାଗରିକଙ୍କ ମାଗଣା ଚିକିତ୍ସା କରୁଥିଲେ । ବରିଷ୍ଠ ନାଗରିକ ସଂଘ ସହ ମିଶି ଝାରସୁଗୁଡ଼ାରେ ବହୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ।

# ଯୁବ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର : ଚଳିତ ମାସ ୩୦ ତାରିଖରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆୟୋଜିତ ହେବ । କାର୍ଯ୍ୟକ୍ରମ ଯେଭଳି ଶୃଙ୍ଖଳିତ ଭାବେ ଆୟୋଜିତ ହେବ ଏନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ଅଜାହାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ, ହିନ୍ଦୀ ଓ ଓଡ଼ିଆ କବିତା ଲିଖନ, ଚିତ୍ରାଙ୍କନ, ଫଟୋଗ୍ରାଫି, ବକ୍ତୃତା, ଲୋକ ନୃତ୍ୟ ଓ ଯୁବ ସମ୍ବାଦ ବିଷୟକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ ମଧ କରାଯିବ । ସକାଳ ୯ଟା ରୁ ନାମ ପଞ୍ଜିକରଣ ପରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍ ହଲ୍, ତପସ୍ୱିନୀ ପ୍ରେକ୍ଷାଳୟ ଏବଂ ପବ୍ଲିକ୍ ଲାଇବ୍ରେରିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ଅଧିକାରୀ ମାରୀଆନୁସ ବିଲୁଙ୍ଗ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜୟଶ୍ରୀ ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରୀ ଡ. ବିଶ୍ୱ ମୋହନ ଜେନା, ସତ୍ୟନାରାୟଣ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଗାପୂଜା ଓ ଦୀପାବଳିର ସମନ୍ୱୟ କମିଟି ବୈଠକ

ସମ୍ବଲପୁର : ଚଳିତ ବର୍ଷ ଦୁର୍ଗାପୂଜା ଓ ଦୀପାବଳି ପର୍ବ କିପରି ଶୃଙ୍ଖଳିତ ଭାବେ ଆୟୋଜନ ହେବ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା କମିଟି ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପୂଜା କମିଟି ପ୍ରଶାସନକୁ ସହଯୋଗ କରି ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଇଛି । ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବୈଠକରେ ଅଧ୍ୟକ୍ଷତା କରିଥିବା ଏସ୍ଏମ୍‌ସି କମିଶନର୍ ପ୍ରଦୀପ କୁମାର ସାହୁ ପ୍ରକାଶ କରିଥିଲେ । ବିଶେଷ କରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଯୋଗାଣ, ନିରନ୍ତର ବିଦ୍ୟୁତ୍ ଯୋଗାଣ, ଜରୁରୀ ସାମଗ୍ରୀ ଯୋଗାଣ, ନବମୀ, ଦଶମୀ ଏବଂ ବିସର୍ଜନ ଦିନ ମଦଦୋକାନ ବନ୍ଦ ରଖିବା, ଧରପକଡ଼କୁ ବ୍ୟାପକ କରାଯିବା, ଅଗ୍ନି ନିରାପଦ ବ୍ୟବସ୍ଥାକୁ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ ହୋଇଛି । ସେହିପରି ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରସ୍ତୁତିକୁ ବ୍ୟାପକ କରାଯାଇଛି । ଡିଜେ ସାଉଣ୍ଡକୁ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ନକରିବାକୁ ପୁଲିସ ପକ୍ଷରୁ କୁହାଯାଇଛି । ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଡିଜେ ଜବତ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ରୋଗୀ କଲ୍ୟାଣ ସମିତି ବୈଠକ

ସମ୍ବଲପୁର : ରୋଗୀ କଲ୍ୟାଣ ସମିତି ବୈଠକ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଟ୍ରାଫିକ୍ ସମସ୍ୟା, ଡ୍ରେନ ସଫେଇ, ବିଭିନ୍ନ ସାଇନବୋର୍ଡ ଲଗାଇବା, ଚିକିତ୍ସାଳୟର ବିଭିନ୍ନ ନବୀକରଣ କାର୍ଯ୍ୟର ସମୀକ୍ଷା, କର୍ମଚାରୀ ସମସ୍ୟା ସମେତ ଡାକ୍ତରଖାନା ପାଇଁ ପ୍ରଯୁଜ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ କରିବା ସହ ସମନ୍ୱୟ ରକ୍ଷା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କିଭଳି ରୋଗୀଙ୍କୁ ଉତ୍ତମ ସେବା ମିଳିପାରିବ ଏନେଇ ଗୁରୁତ୍ୱ ଦେବାକୁ ମଧ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଙ୍କଜ କୁମାର ପଟେଲ, ଡିପିଏମ, ମୌସୁମୀ ମିଶ୍ର, ହସ୍ପିଟାଲ୍ ମ୍ୟାନେଜରଙ୍କ ସହ ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଜିଏମୟୁରେ ପ୍ରଫେସର ପ୍ରଫୁଲ୍ଲ କୁମାର ପତି ସ୍ମାରକୀ ବକ୍ତୃତା

ସମ୍ବଲପୁର: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ସ୍ମୃତିରେ ପ୍ରଥମ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇ ଯାଇଛି । ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପକ ହିମାଦ୍ରି ଲାହିରି ବକ୍ତା ଭାବେ ଯୋଗଦେଇ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । କୁଳପତି ପ୍ରଫେସର ଏନ୍. ନାଗରାଜୁ ସ୍ୱାଗତ ଭାଷଣ ଓ ଇଂରାଜୀ ବିଦ୍ୟାଳୟର ମୁଖ୍ୟ ଡକ୍ଟର ଅଞ୍ଜଳି ତ୍ରିପାଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ୨ ପୁଅ ହିମାଂଶୁ ପତି ଓ ଆଶିଷ ପତିଙ୍କୁ ସମ୍ମାନିତ କରାଯାଇଥିଲା । ଡକ୍ଟର ମୁରଲୀଧର ଶର୍ମା ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ । ଉପକୁଳସଚିବ ଡକ୍ଟର ଉମାଚରଣ ପତି ମଧ ଉତ୍ସବରେ ଉପସ୍ଥିତ ଥିଲେ ।

# ଜିଏମୟୁ- ଭିମସାର ଚୁକ୍ତି ସ୍ୱାକ୍ଷରିତ



ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଦେଶର ଏହି ଅଞ୍ଚଳରେ ବୃଦ୍ଧମାନଙ୍କ ସ୍ଥିତିକୁ ନେଇ ଜେରିଆଟ୍ରିକ୍ସ ଓ ଜେରେଣ୍ଟୋଲୋଜି କ୍ଷେତ୍ରରେ ଗବେଷଣା ପାଇଁ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗରାଜୁ ଏବଂ ଭିମସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ବେହେରାଙ୍କ ଉପସ୍ଥିତିରେ ଜିଏମୟୁର କୁଳସଚିବ ଯୁଗଳେଶ୍ୱରୀ ଦାଶ ଏବଂ ଭିମସାରର ଡିନ ତଥା ଅଧ୍ୟକ୍ଷ ଡାକ୍ତର ଜୟଶ୍ରୀ ଦୋରା ଏହି ଜେରିଆଟ୍ରିକ୍ସ ଓ ଜେରେଣ୍ଟୋଲୋଜି ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଜିଏମୟୁ ଉପକୁଳସଚିବ ଡକ୍ଟର ଉମାଚରଣ ପତି ଏବଂ ସିଓଇ ସଂଯୋଜିକା ଡକ୍ଟର ମୋନାଲିସା ମହାପାତ୍ର ଉପସ୍ଥିତ ଥିବାବେଳେ ଭିମସାର ପକ୍ଷରୁ କୁଳସଚିବ ଡାକ୍ତର ଭାବଗ୍ରାହୀ ରଥ ଓ ଏନାଟୋମି ବିଭାଗ ମୁଖ୍ୟ ଡାକ୍ତର ମମତା ସର ଉପସ୍ଥିତ ଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

ସ୍ୱୀକାର
25 September - 1 October 2022



# ‘ସମ୍ବଲପୁରୀ ପରିବାର’ ପକ୍ଷରୁ ଭୋପାଳରେ ନୂଆଁଖାଇ ଭେଟ୍‌ଘାଟ୍








ଭୋପାଳ : ‘ସମ୍ବଲପୁରୀ ପରିବାର’ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୫୦ ଜଣ କଳାକାର ଯୋଗ ଦେଇ କଳା ପ୍ରଦର୍ଶନ କରିଥିଲେ । ପୂଜକ ବିଭୂତି ଭୋଇ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବା ପରେ ଶାଶ୍ୱତ ତ୍ରିପାଠୀ, ଡିଲେଶ୍ୱର ବିଶ୍ୱାଳ ଓ ଟିହିଲୁ ବାଘଙ୍କ ଦ୍ୱାରା ସଂଗୀତ ଏବଂ ଓଡ଼ିଶାର ସୁବର୍ଣ୍ଣପୁରର ‘ରୁମକୁଝୁମାନା’ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରରେ ଡି.କେ. ଶତପଥୀ, ପି.କେ ଦାସ, ଜିଏନ୍ ସାହୁ ଓ ଏ.ସି ହୋତାଙ୍କ ଦ୍ୱାରା ବାର୍ଷିକ ସାଂସ୍କୃତିକ ପତ୍ରିକା ‘କହଁର’ ଉନ୍ମୋଚିତ ହୋଇଥିଲା । ବରଗଡ ଜିଲ୍ଲାରୁ ଅସିଥିବା କିଶୋର ମିଶ୍ରଙ୍କ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଲେଥା, କାକାରା, କର୍ଡି ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରମୋଦ ମେହେର ପରିଚାଳନା କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଦିଲୀପ ମିଶ୍ର, କିଶୋର କେର୍କେଟା, ତ୍ରିଲୋଚନ ନାଏକ, ବିଶ୍ୱଜିତ ମାଝୀ, ଯୋଗେନ୍ଦ୍ର କିଶାନ, ଜିତେନ୍ଦ୍ର ତ୍ରିପାଠୀ, ରମେଶ ପ୍ରଧାନ, ରୀନା ମାଝୀ, ଜ୍ୟୋସ୍ନାମୟୀ ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଦୀପ ମାଝୀ ଧନ୍ୟବାଦ ଦେଇଥିଲେ ।




## ଆଇଆଇଏମ-ସମ୍ବଲପୁରର ଅଷ୍ଟମ ପ୍ରତିଷ୍ଠା ଉତ୍ସବ ପାଳିତ

ବୁର୍ଲା : ସମ୍ବଲପୁର ଆଇଆଇଏମର ଅଷ୍ଟମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଏଥିରେ



ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଏମସିଏଲର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଗ୍ରହଣ କରିଥିଲେ । ଆଇଆଇଏମ-ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିଲେ । ଆଇଆଇଏମର ଡକ୍ଟର ଦୀପ୍ତିରଞ୍ଜନ ମହାପାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚଳନା କରିଥିଲେ । ଏ ଅବସରରେ ୪୧ତମ ସିନିଅର ଏସିଏନେ ଟ୍ରେକ୍ ସାଇକ୍ଲିନ୍ ଚମ୍ପିଆନସିପରେ ତୃତୀୟ ସ୍ଥାନ ହାସଲ କରି ବିଜୟୀ ହୋଇଥିବା ସ୍ୱାତୀ ସିଂଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଏମବିଏ ୨୦୨୧ ବ୍ୟାଚର ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଆସ୍ଥା ଗର୍ଗ , ଆଦିତ୍ୟ କେ ଏ.ଏସ୍, ଗୌରବ ଖଣ୍ଡେଲୱାଲ, ଆସିକା ଗୟେଲ, ଶ୍ରେୟା ଡେଭିସ୍, ଅନେହିଆ ଚୌଧୁରୀ ଏବଂ





ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟିପିଡ଼ବ୍ଲୁଓଡ଼ିଏଲ ସିଇଓ ଗଜାନନ ସମ୍ପତ ରାଓ କାଲେ, ଉନ୍ନୁକ୍ତର ପ୍ରତିଷ୍ଠାତା ଚନ୍ଦ୍ର ବିକାଶ ଅଂଶ ଗୋମତିଙ୍କୁ ୧ ଲକ୍ଷ ଟଙ୍କାଏ ସ୍କୋଲାରସିପ ଦିଆଯାଇଥିଲା ।

## ‘କାବ୍ୟାଞ୍ଜଳୀ ଓ ଗୋପୀ ଚରିତ’ ପୁସ୍ତକ ଉନ୍ମୋଚିତ



ସମ୍ବଲପୁର : ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସଂସଦର ସହସଂପାଦିକା ଗୀତାଞ୍ଜଳି ଷଡ଼ଙ୍ଗୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୋପୀନାଥ ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ ‘କାବ୍ୟାଞ୍ଜଳୀ ଓ ଗୋପୀ ଚରିତ’ ପୁସ୍ତକ ଉନ୍ମୋଚିତ ହୋଇ ଯାଇଛି । ଏହି ଅବସରରେ ପାଲା ଗାୟକ କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଓ କବି ଲକ୍ଷ୍ମୀନାରାୟଣ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଂସଦର ସଂପାଦକ ସୁଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦର ସଂପାଦକ ବିଭୂତି ଭୂଷଣ ମିଶ୍ର, ସମଲେଶ୍ୱରୀ ପାଲା ପରିଷଦ ସଭାପତି ରାଧେଶ୍ୟାମ ପଣ୍ଡା, ଗାଳ୍ପିକ ଜନ୍ମେଜୟ ବାବୁ, ଦଧିବାମନ ମନ୍ଦିର ଟ୍ରଷ୍ଟୀ ଆର୍ତ୍ତତ୍ରାଣ ପଟ୍ଟନାୟକ ପ୍ରମୁଖ ଗୀତାଞ୍ଜଳିଙ୍କ ସ୍ମୃତିଚାରଣ କରି ସେ ଏକାଧାରରେ ସାହିତ୍ୟ ସାଧିକା ସମାଜସେବୀ, ଆଧାତ୍ମିକ ମହିଳା ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ କୁଚିଣ୍ଡା ଖଣ୍ଡୋକୋଟା ଜୁନାନୀର ବର୍ଷାରାଣୀ ଅଇନ ଓ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ମମତା ନାଥ ଧନ୍ୟବାଦ ଦେଇଥିଲେ ।

## ‘ଗଜପତି ଏ କିଙ୍ଗ ୱିଥ୍‌ଆଉଟ୍ ଏ କିଙ୍ଗଡମ୍’ ପୁସ୍ତକ ଲୋକାର୍ପିତ




ନୂଆଦିଲ୍ଲୀ: ପ୍ରଶାସକ ତଥା ପୂର୍ବତନ ଆୟକର ଆୟୁକ୍ତ ଅଶୋକ କୁମାର ବଳଙ୍କ ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ‘ଗଜପତି ଏ କିଙ୍ଗ ୱିଥ୍‌ଆଉଟ୍ ଏ କିଙ୍ଗଡମ୍’ର ଏଠାରେ ଉନ୍ମୋଚିତ ହୋଇଯାଇଛି । ‘ଓଡିଶା ଫୋରମ’ ଆନୁକୂଲ୍ୟରେ ଏହାର ସଭାପତି ଗୋକୁଳ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର କରଣ ସିଂ ମୁଖ୍ୟ ଅତିଥି, ପୁରୀ ଶ୍ରୀ ଗଜପତି ମହାରାଜ ଦିବ୍ୟ ସିଂ ଦେବ ସମ୍ମାନୀୟ ଅତିଥି ଓ ଅବସରର ପ୍ରାପ୍ତ ପ୍ରଶାସକ ତଥା ପୂର୍ବତନ ରାଷ୍ଟ୍ରଦୂତ କବି ଅମରେନ୍ଦ୍ର ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପୁସ୍ତକର ଲେଖକ ଶ୍ରୀ ଅଶୋକ ବଳ ମଧ ଏଥିରେ ଭାଷଣ ଦେଇଥିଲେ । ଏହି ଉତ୍ସବକୁ ନିବେଦିତା ଗିରି ପରିଚାଳନା କରିଥିଲେ ।

## ବଜାରକୁ ଆସିଲା ବଜାଜ୍‌ର ପଲ୍‌ସର ଏନ୍-୧୬୦




ସମ୍ବଲପୁର: ବଜାଜ କମ୍ପାନୀର ନୂତନ ବାଇକ୍ ପଲସର ଏନ-୧୬୦ ଡୁଆଲ ଚ୍ୟାନେଲ ଏବିଏସ୍ ସମ୍ବଲପୁର ବଜାର ପ୍ରବେଶ କରିଛି । ଏହି ଅବସରରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପରଧିଆପାଲି ଛକସ୍ଥିତ ଉଜ୍ଜ୍ୱଳ ବଜାଜ ଶୋ’ରୁମ ଠାରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବାଇକ୍‌ର ଶୁଭାରମ୍ଭ କରି କେତେକ ଗ୍ରାହକଙ୍କୁ ଗାଡ଼ିର ଚାବି ହସ୍ତାନ୍ତର କରିଥିଲେ । ଉଜ୍ଜ୍ୱଳ ବଜାଜ ପାର୍ଟନର ଦୀନେଶ ଶର୍ମା ଓ ଦୀପକ କୁମାର ଶର୍ମା ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ବାଇକ୍‌ର ଇଞ୍ଜିନ ୧୬୪,୮୨ ସିସି ଅଟେ । ଏଥିରେ ସିଙ୍ଗଲ ସିଲିଣ୍ଡର, ଏସ୍‌ଓଏଚ୍‌ଏସ୍, ଦୁଇଟି ଭଲଭ, ଅଏଲ ଜୁଲ, ଏଫଆଲ ରହିଛି । ପ୍ରତି ଲିଟରରେ ୬୦କି.ମି. ମାଇଲେଜ ଦେବ । ଡିସ୍ ବ୍ରେକ ସୁବିଧା ସହ ପଛ ଓ ସମ୍ମୁଖ ଚକ୍ର ଟ୍ୟୁବଲେସ ରହିଛି । ଗିଅର, ଇଣ୍ଡିକେଟର, କ୍ଲଚ, ଫୁଏଲ ଇକୋନୋମି, ରେଞ୍ଜ ଇଣ୍ଡିକେଟର, ୟୁଏସ୍ କନେକ୍ଟିଭିଟି ପ୍ରଭୃତି ସୁବିଧା ରହିଛି । ଏହି ନୂତନ ବାଇକ୍‌ର ଏକ୍ସ ଶୋରୁମ ମୂଲ୍ୟ ୧ଲକ୍ଷ ୨୫ହଜାର ୯୮୪ଟଙ୍କା ରହିଛି । ଗ୍ରାହକଙ୍କ ରୁଚି ଅନୁସାରେ ଶୋରୁମରେ ଏହି ବାଇକ୍ କଳା, ଲାଲ ଓ ନୀଳ ରଙ୍ଗରେ ଉପଲବ୍ଧ ଅଛି । ବିକ୍ରୀ ପରେ ସର୍ଭିସିଂ ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ସମ୍ପ୍ରତି ବଜାଜ କମ୍ପାନୀ ବିଶ୍ୱର ୭୯ ଦେଶରେ ୧୮ ମିଲିଅନ ବାଇକ୍ ବିକ୍ରି କରିସାରିଛି । ଶୋରୁମ ମ୍ୟାନେଜର ମନୋରଞ୍ଜନ ଦୀପ ଅତିଥି ଓ ଗ୍ରାହକମାନଙ୍କୁ ସ୍ୱାଗତ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra